Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 223
Monday, 19 October 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧୯ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବଙ୍ଗରେ ଅଘଟଣ, ଓଡ଼ିଶାରେ କମ୍ପନ

ଭୁବନେଶ୍ୱର, ୧୮/୧୦ (ଆ.ପ୍ର) : କୋଲକାତା ପୂଜା ପଣ୍ଡାଲରେ ଭିଡ଼ରୁ ବଡ଼ ଅଘଟଣ ପରେ ଓଡ଼ିଶାରେ ବଢ଼ିଲା ଆଲର୍ଟ । ବିଶେଷକରି କଟକ, ଭୁବନେଶ୍ୱର ଟ୍ୱିନ ସିଟି ସମେତ ରାଜ୍ୟର ଅନ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନରେ କିଭଳି ଭିଡ଼ ରୋକାଯିବ ଏବଂ ଅଘଟଣ ଘଟିଲେ ତାକୁ କିଭଳି ମୁକାବିଲା କରାଯିବ, ସେ ନେଇ ସତର୍କ ହୋଇଛି ପୋଲିସ ଓ ପ୍ରଶାସନ । ସେଥିପାଇଁ ସବୁ ପୂଜା ପେଣ୍ଡାଲରେ ବଢ଼ିଛି ତତ୍ପରତା । ଭୁବନେଶ୍ୱର ନୟାପଲ୍ଲୀ ପୂଜା ମଣ୍ଡପର ଦୃଶ୍ୟ । ସଂଧ୍ୟାରେ ଅସମ୍ଭବ ଭିଡ଼, ଅତ୍ୟଧିକ ଗହଳି । ଏହାରି ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ଧାଡ଼ିରେ ଦର୍ଶନ ଲାଗି ପରାମର୍ଶ ଦେଉଛି ପୋଲିସ । ସେହିଭଳି ରାଜଧାନୀର ପୁରୁଣା ଷ୍ଟେସନ ବଜାର ମେଢ । ଗୋଟେ ପଟେ ଯାଆସ ପାଇଁ ଅଣ ଓସାରିଆ ରାସ୍ତା । ଅନ୍ୟପଟେ ପ୍ରବଳ ଜାମ । ଏହାରି ଭିତରେ ଭକ୍ତମାନେ କେମିତି ଶୃଙ୍ଖଳିତ ଦର୍ଶନ ତା ଉପରେ ଏବେ ଆୟୋଜକ ଓ ପୋଲିସର ନଜର । ସେପଟେ କଟକରେ ବି ସମାନ ସ୍ଥିତି । କଟକରେ ଶହ ଶହ

ମଣ୍ଡପ ଓ ମେଢ ଭିତରେ ବି ଅପରାହ୍ଣ ୫ଟାରୁ ରାତି ୧୦ଟା ଯାଏଁ ଅସମ୍ଭାଳ ଭିଡ଼ ହେଉଛି । ତେବେ କଟକରେ ପୂଜା ଭିଡ଼ ବିରାଟରିତ କାରଣରୁ ସବୁ ପ୍ରକାର ଆୟୋଜନ ଓ ପ୍ରସ୍ତୁତି ସହ ପଦକ୍ଷେପ ନେଇଛନ୍ତି ପୂଜା କମିଟି କର୍ତ୍ତୃପକ୍ଷ । ଏପଟେ ପୂଜା ୪ ଦିନ କିଭଳି ଭଲରେ ଭଲରେ କଟିଯିବ, ସେ ଉପରେ ଅଧିକ ଧ୍ୟାନ ଦେଇଛନ୍ତି ପୂଜା ମଣ୍ଡପ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ । ଏପଟେ ରାଜ୍ୟରେ ସମସ୍ତ ପୂଜା ମଣ୍ଡପରେ ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ ଓ ବ୍ୟବସ୍ଥିତ ଆୟୋଜନ କିଭଳି ରହିଛି, ତାର ଅନୁଧ୍ୟାନ ସହ ଓ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଆଜି ପୋଲିସ ଅଧିକାରୀଙ୍କୁ ନେଇ ଜରୁରୀ ବୈଠକ ଡକାଇଥିଲେ ପୋଲିସ ମହାନିର୍ଦ୍ଦେଶକ । ଏହି ଅବସରରେ ପୂଜା ମଣ୍ଡପରେ ଭିଡ଼ ନିୟନ୍ତ୍ରଣ, ଅଗ୍ନିଶମ ବ୍ୟବସ୍ଥା, ଆମ୍ବୁଲାନ୍ସର ଉପଲବ୍ଧତା ଆଦି ବ୍ୟବସ୍ଥାର ସମୀକ୍ଷା ଓ ତଦାରଖ କରାଯାଉଛି । ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁଗମ କରିବାକୁ ଅଧିକ ସଂଖ୍ୟାରେ ଫୋର୍ସ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି । ଟ୍ୱିନ୍ ସିଟିର ଅଧିକାଂଶ ପୂଜା ପେଣ୍ଡାଲ ସିସିଟିଭି ସର୍ଭେଲାନ୍ସରେ ରହିଥିବାରୁ, ତାର ମନିଟରିଂ କରୁଛି କମିଶନରେଟ୍ ପୋଲିସ । ଏପଟେ ମଣ୍ଡପଗୁଡ଼ିକ ନିରାପତ୍ତା ପ୍ରମାଣପତ୍ର ନେଇଛନ୍ତି ନା ନାହିଁ, ତାହା ଯାଂଚ୍ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି । ଏଣେ କଟକ ଓ ଭୁବନେଶ୍ୱରରେ ପୂଜା ବେଳେ ପେଣ୍ଡାଲରେ ଦର୍ଶନ, ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାବଣ ପୋଡ଼ି ସମୟରେ ବି ଅଧିକ ଭିଡ଼ ହେବାକୁ ଥିବାରୁ ଏହି ସୟରରେ ପୂଜା କମିଟିଗୁଡ଼ିକ ବିଶେଷ ସତର୍କ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ କମିଶନର ।

ନୂଆ ରାଜ୍ୟପାଳ ଭାବେ ଶପଥ ନେଲେ ବ୍ରଜମୋହନ

ଭୁବନେଶ୍ୱର, ୧୮/୧୦ (ଆ.ପ୍ର) : ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମ ଶପଥ ଗ୍ରହଣ କରିଛନ୍ତି । ପୂର୍ବାହ୍ଣ ୧୧ଟାରେ ଭୁବନେଶ୍ୱରସ୍ଥିତ ଲୋକଭବନର ନବନିର୍ମିତ ଅଭିଷେକ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀପରିଷଦର ସଦସ୍ୟ, ସାଂସଦ, ବିଧାୟକ ଏବଂ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇଛନ୍ତି । ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବି ଏଥିରେ ଯୋଗ ଦେଇଛନ୍ତି । ଶପଥ ଗ୍ରହଣ ପୂର୍ବରୁ ଓ ପରେ ନୂଆ ରାଜ୍ୟପାଳଙ୍କୁ ସଶସ୍ତ୍ର ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି । ସମାରୋହକୁ ଦୃଷ୍ଟିରେ ରଖି ଲୋକଭବନ ଓ ଏହାର ଆଖପାଖ ଅଂଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଶପଥ ଗ୍ରହଣ ପରେ ବ୍ରଜମୋହନ ରାମ ଆନୁଷ୍ଠାନିକ ଭାବେ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ସହ ରାଜ୍ୟର ରାଜ୍ୟପାଳ ପଦରେ ନୂଆ ଅଧ୍ୟାୟ ଆରମ୍ଭ ହେବ । ସୂଚନାଯୋଗ୍ୟ, ଗତକାଲି ମଧ୍ୟାହ୍ନରେ ଶ୍ରୀ ରାମ ଓ ତାଙ୍କ ପତ୍ନୀ ସ୍ୱତନ୍ତ୍ର ବିମାନରେ ଓଡ଼ିଶା ଆସିଥିଲେ । ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ପୁଲିସ ଡିଜି ବିନୟତୋଷ ମିଶ୍ର, ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ବିଜେପିର ବରିଷ୍ଠ ନେତାମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏହାପରେ ଶ୍ରୀ ରାମ ସପତ୍ନୀକ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ପୁରୀ ଲୋକଭବନରେ କିଛି ସମୟ ବିତାଇଥିଲେ । ସଂଧ୍ୟାରେ ଭୁବନେଶ୍ୱରସ୍ଥିତ ଲୋକଭବନରେ ପହଂଚିବା ପରେ ସେଠାରେ ବି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଟାଇଗର ଶ୍ରଫ୍‌ଙ୍କୁ ଗୁଳିମାଡ଼

ମୁମ୍ବାଇ, ୧୮/୧୦ (ନ୍ୟୁ.ଏ): ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଉପରେ ଆକ୍ରମଣ । ମୁମ୍ବାଇ ଜୁହୁ ଅଂଚଳରେ ଫୁଟବଲ୍ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ତାଙ୍କ ଗାଡ଼ି ଉପରକୁ ହୋଇଛି ଗୁଳିମାଡ଼ । ଆକ୍ରମଣରେ ଟାଇଗର ସୁରକ୍ଷିତ ବର୍ତ୍ତି ଯାଇଥିବାବେଳେ ତାଙ୍କ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ଅନ୍ୟପଟେ କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟା ଉଦ୍ୟମ ପଛରେ ଥିବା ଦାବି କରି ଭିଡିଓ ବାର୍ତ୍ତା ଜାରି କରିଛି । ଗୁଳିକାଣ୍ଡର କିଛି ସମୟ ପରେ ସୋସିଆଲ୍ ମିଡିଆରେ ଏକ ଭିଡିଓ ବାର୍ତ୍ତା ସାମ୍ନାକୁ ଆସିଛି । ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଅନିଲ ପଣ୍ଡିତ ନାମକ ଜଣେ ବ୍ୟକ୍ତି ନିଜକୁ ହରମାନ ସନ୍ଧୁଙ୍କ ସହ ସାମିଲ ରଖି ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ଟାଇଗର ଶ୍ରଫ୍‌ଙ୍କ ଉପରେ ଆକ୍ରମଣ ଘଟଣା ବଲିଉଡ୍‌ରେ ଭୟର ବାତାବରଣ ସୃଷ୍ଟି କରିଛି । ମୁମ୍ବାଇ ପୋଲିସ ଏହି ଆକ୍ରମଣକାରୀଙ୍କୁ ଧରିବା ପାଇଁ ଅଭିଯାନ ଜୋରଦାର କରିଛି । ରବିବାର ସନ୍ଧ୍ୟାରେ ଜୁହୁର ପୃଥ୍ୱୀ ପାର୍କ ନିକଟରେ ତାଙ୍କ କାର ଉପରକୁ ଗୁଳିମାଡ଼ ହୋଇଛି । ଏହି ଘଟଣାରେ ଟାଇଗର ଶ୍ରଫ୍ ସୁରକ୍ଷିତ ଥିବାବେଳେ ତାଙ୍କ ଡ୍ରାଇଭରଙ୍କ ସମେତ ତିନି ଜଣ ଆହତ ହୋଇଛନ୍ତି ।

ସିଜେଆଇଙ୍କୁ ନିମନ୍ତ୍ରଣକୁ ବିରୋଧ, ସମାବର୍ତ୍ତନରେ ୧୦୫ ଛାତ୍ର ଅନୁପସ୍ଥିତ

ବେଙ୍ଗାଲୁରୁ, ୧୮/୧୦ (ନ୍ୟୁ.ଏ): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କୁ ନିମନ୍ତ୍ରଣ କରାଯିବାକୁ ନେଇ ବିବାଦ ମଧ୍ୟରେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ ଲ ସ୍କୁଲ ଅଫ୍ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ୧୦୫ ଜଣ ନିୟମିତ ସ୍ନାତକ ଛାତ୍ର ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବରେ ଅନୁପସ୍ଥିତ ରହିଛନ୍ତି । ଶନିବାର ଜ୍ଞାନଜ୍ୟୋତି ସଭାଗୃହରେ ବିଶ୍ୱବିଦ୍ୟାଳୟର ୩୪ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁପସ୍ଥିତ ଛାତ୍ରମାନଙ୍କୁ ସେମାନଙ୍କ ଅନୁପସ୍ଥିତିରେ ଡିଗ୍ରି ପ୍ରଦାନ କରାଯାଇଛି । ୨୦୨୫ରେ ଏଭଳି ଭାବେ

୧୭ ଜଣ ଛାତ୍ର ଡିଗ୍ରି ଗ୍ରହଣ କରିଥିଲେ । ସିଜେଆଇଙ୍କ ଯୋଗଦାନକୁ ବିରୋଧ କରି ୨୦୨୬ର ସ୍ନାତକ ଛାତ୍ରଙ୍କ ସମେତ ବର୍ତ୍ତମାନର ଓ ପୂର୍ବତନ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ଏହା ପରେ ସେପ୍ଟେମ୍ବର ୧୨ରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବକୁ ପ୍ରଥମେ ବାତିଲ କରାଯାଇଥିଲା । ପରେ ଅକ୍ଟୋବର ୧୭ରେ ଏହା ଆୟୋଜିତ ହୋଇଥିଲା । ସିଜେଆଇ ସୂର୍ଯ୍ୟକାନ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ତାଙ୍କ ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ଅଭିନେତ୍ରୀ ଅରୁନ୍ଧତୀ ନାଗ ମଧ୍ୟ ଉପସ୍ଥିତ ଥିଲେ ।

ମୋଦୀ ସରକାରର 'ଏକ୍ସପାୟାରି ଡେଟ୍' ପାଖେଇଲା: ରାହୁଲ

ପାଣାଜୀ, ୧୮/୧୦ (ନ୍ୟୁ.ଏ): କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରର କ୍ଷମତାରେ ରହିବାର ସମୟ ଶେଷ ହେବାକୁ ଯାଉଛି ବୋଲି କହି ବିଜେପିକୁ ଟାର୍ଗେଟ୍ କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ରବିବାର ଗୋଆର ମାର୍ଗାଓଠାରେ କଂଗ୍ରେସର 'ଗୋୟ ରାଖୋନ୍ ଯାତ୍ରା'ର ଉଦ୍‌ଯାପନୀ ସଭାରେ ଉଦ୍‌ବୋଧନ ଦେଇ ସେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ସମାଲୋଚନା କରିଛନ୍ତି । ଭୋଟ୍ ଚୋରି ଅଭିଯୋଗ ଉଠାଇ ରାହୁଲ କହିଛନ୍ତି, ଜ୍ଞାନେଶ କୁମାର ଭୋଟ୍ ଚୋରିର ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି, ଅମିତ ଶାହ ଏହାକୁ ରୂପ ଦେଉଛନ୍ତି ଏବଂ ମୋଦୀ ପଛରେ ରହି ଏହାର ନେତୃତ୍ୱ ନେଉଛନ୍ତି । ଏହି

ଅଭିଯୋଗରେ ସମ୍ପୃକ୍ତ ନେତାମାନଙ୍କୁ ଦିନେ ଉତ୍ତରଦାୟୀ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି । ନିଜ ବିରୋଧରେ ୪୫ରୁ ଅଧିକ ମାନହାନି ମାମଲା ଥିବା କଥା ଉଲ୍ଲେଖ କରି ସେ ପ୍ରଶ୍ନ କରିଥିଲେ, ଭୋଟ୍ ଚୋରି ଅଭିଯୋଗ ପାଇଁ ତାଙ୍କ ବିରୋଧରେ କାହିଁକି ସ୍ୱତନ୍ତ୍ର ମାମଲା ହୋଇନାହିଁ ? ମୋଦୀଙ୍କ ପୂର୍ବର '୫୬ ଇଂଚ ଛାତି' ମନ୍ତବ୍ୟକୁ ନେଇ ମଧ୍ୟ ରାହୁଲ କଟାକ୍ଷ କରିଥିଲେ । ଏବେ ସେହି ଦମ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଥିଲେ । ଦିଲ୍ଲୀରେ ଭୋଟ୍ ଚୋରି, ନିଯୁକ୍ତି ଓ ଶିକ୍ଷା ଖର୍ଚ୍ଚ ବୃଦ୍ଧି ବିରୋଧରେ ସ୍ୱର ଉଠାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ପେଲେଟ୍ ବନ୍ଧୁକ ବ୍ୟବହାର କରାଯାଉଥିବା ଅଭିଯୋଗ ମଧ୍ୟ ସେ ଉଠାଇଥିଲେ । ଗୋଆରେ ଜମି ଦଖଲ, ଜମି ବ୍ୟବହାରରେ ପରିବର୍ତ୍ତନ, ବେକାରି ଓ ଦୁର୍ନୀତି ପ୍ରସଙ୍ଗରେ ବିଜେପି ସରକାରକୁ ସମାଲୋଚନା କରି ରାହୁଲ କଂଗ୍ରେସକୁ ପୂର୍ଣ୍ଣ ବହୁମତ ଦେବାକୁ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ । ସେ ଦଳୀୟ ନେତା ଓ କର୍ମୀଙ୍କ ସହ ପ୍ରାୟ ୨ କିଲୋମିଟର ପଦଯାତ୍ରା କରିଥିଲେ ।

ମଣିପୁରରେ ପୁଣି ହିଂସା, ଗୁଳିବିନିମୟରେ ୩ ଆହତ

ଇମ୍ଫାଲ, ୧୮/୧୦ (ନ୍ୟୁ.ଏ): ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଜାତିଗତ ହିଂସା ପୁଣି ଉଗ୍ର ରୂପ ନେଇଛି । ଶନିବାର ଦୁଇ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ଘଟି ତିନିଜଣ ଆହତ ହୋଇଛନ୍ତି । ଏହା ସହିତ ଭାରତ-ମ୍ୟାମାର ସୀମା ନିକଟରେ ଥିବା ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଦୁଇଟି ଗାଁରେ ନିଆଁ ଲଗାଇ ଦିଆଯାଇଛି । ଏହି ଘଟଣା ପରେ ଅଂଚଳରେ ଭୟ ଓ ଉତ୍ତେଜନା ବଢ଼ିଛି । ଗାଁ ଦୁଇଟିରେ ନିଆଁ ଲଗାଇବା ଘଟଣାରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ । ପୁଲିସ ସୂଚନା ଅନୁସାରେ, ଶନିବାର ସକାଳେ ଚାସାଦ ଅଂଚଳରେ କୁକି ଓ ନାଗା ସମ୍ପ୍ରଦାୟ ସହ ସମ୍ପୃକ୍ତ ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ୩୬ ବର୍ଷୀୟ ଜଣେ କୁକି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଚାରିଜଣ ଆହତ ହୋଇଥିଲେ । ଏହା ପରେ ପ୍ରତିଶୋଧମୂଳକ ଆକ୍ରମଣ ହୋଇଥିବା ପୁଲିସ ସନ୍ଦେହ କରୁଛି । ପରବର୍ତ୍ତୀ ଗୁଳିବିନିମୟରେ ତିନିଜଣ ଟାଙ୍ଗଖୁଲ ନାଗା ବ୍ୟକ୍ତି ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ନିଙ୍ଗଚୌ ଗାଁର ଟି. ଚିଥୁଙ୍ଗ ଏବଂ ବୁଙ୍ଗପା ଖୁଲେନ୍ ଗାଁର ଏସ୍. ମାଲୁଙ୍ଗ ଓ ଏମ୍. ଶିଥୁଙ୍ଗ ଅଛନ୍ତି । ସେମାନଙ୍କୁ କାମଜୋଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ହିଂସା ମଧ୍ୟରେ ସିଙ୍ଗେପ ଓ ପିଲୋଙ୍ଗ ନାମକ ଦୁଇଟି ଟାଙ୍ଗଖୁଲ ନାଗା ଗାଁକୁ ସନ୍ଦିଗ୍ଧ ସଶସ୍ତ୍ର କୁକି ଗୋଷ୍ଠୀ ଜାଳିଦେଇଥିବା ଅଭିଯୋଗ ହୋଇଛି । ଗାଁ ଦୁଇଟି ଭାରତ-ମ୍ୟାମାର ସୀମା ନିକଟରେ ଅବସ୍ଥିତ । ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, କର୍ମଚାରୀ ଅଭାବରୁ ପୁଲିସ ଏଯାଏ ଘଟଣାସ୍ଥଳରେ ପହଂଚିପାରିନାହିଁ ।

ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ନିରପେକ୍ଷ ତଦନ୍ତ ଦାବି

ନୂଆଦିଲ୍ଲୀ, ୧୮/୧୦ (ନ୍ୟୁ.ଏ): ୨୦୨୨ରେ ହୋଇଥିବା ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ନିରପେକ୍ଷ ତଦନ୍ତ ଦାବି କରି କଂଗ୍ରେସ ପକ୍ଷରୁ ଦିଲ୍ଲୀ ଓ ଡେରାଡୁନ୍‌ରେ ପ୍ରତିବାଦ କରାଯାଉଛି । ରବିବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ବାହାରେ ପ୍ରତିବାଦ କରୁଥିବା କଂଗ୍ରେସ ନେତା ଓ ଅନ୍ୟମାନଙ୍କୁ ପୁଲିସ ଅଟକ ରଖିଥିଲା । ଏହି ମାମଲାରେ କଥିତ 'ଭିଆଇପି'ଙ୍କ ଭୂମିକାର ତଦନ୍ତ ଏବଂ ବିଜେପି ନେତା ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତିକୁ ବିରୋଧ କରି ଶନିବାର ଡେରାଡୁନ୍‌ରେ କଂଗ୍ରେସ ମହମବତୀ ଶୋଭାଯାତ୍ରା କରିଥିଲା । ଏଥିରେ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଉତରାଖଣ୍ଡ ପ୍ରଭାରୀ କୁମାରୀ ଶୈଳଜା ଓ ରାଜ୍ୟ ଶାଖା ସଭାପତି ଗଣେଶ ଗୋଡିୟାଲ ନେତୃତ୍ୱ ନେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ, ବିରୋଧୀ ଦଳ ନେତା ଯଶପାଲ ଆର୍ଯ୍ୟ, ମହିଳା କଂଗ୍ରେସ ଅଧ୍ୟକ୍ଷା ଜ୍ୟୋତି ରୌତେଲାଙ୍କ ସମେତ ଦଳର ଅନେକ ନେତା, ବିଧାୟକ ଓ ପୂର୍ବତନ ବିଧାୟକ ଏଥିରେ ସାମିଲ ହୋଇଥିଲେ । କଂଗ୍ରେସର ଛାତ୍ର ସଂଗଠନ ଏନ୍‌ଏସ୍‌ୟୁଆଇ ମଧ୍ୟ ଦିଲ୍ଲୀରେ ମହମବତି ଶୋଭାଯାତ୍ରା କରି ଅଙ୍କିତାଙ୍କ ପାଇଁ ନ୍ୟାୟ ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାମ କରୁଥିବା ଅଙ୍କିତାଙ୍କ ମୃତଦେହ ୨୦୨୨ ସେପ୍ଟେମ୍ବରରେ ଋଷିକେଶ ନିକଟରେ ମିଳିଥିଲା । ଜଣେ 'ଭିଆଇପି'ଙ୍କୁ ସ୍ୱତନ୍ତ୍ର ସେବା ଦେବାକୁ ଅଙ୍କିତାଙ୍କ ଉପରେ ଚାପ ପକାଯାଇଥିବା ଏବଂ ସେ ରାଜି ନ ହେବାରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ରହିଛି । ଏହି 'ଭିଆଇପି' ଦୁଷ୍ୟନ୍ତ ଗୌତମ ବୋଲି କେତେକ ମହଲରେ ଦାବି କରାଯାଉଥିଲେ ମଧ୍ୟ ଏହାର ପ୍ରମାଣ ନାହିଁ । ମାମଲାରେ କଥିତ 'ଭିଆଇପି'ଙ୍କ ଭୂମିକାକୁ ନେଇ ସିବିଆଇ ତଦନ୍ତ ଚାଲିଛି ।

15001/120/2627

ପବିତ୍ର ବିଜୟା ଦଶମୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ , ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ବ୍ରଜମୋହନ ରାମ)

OIPR 15001/15001/2/26-27/0119

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଥିଓ ଆରମ୍ଭ
SEITHO ARAMBHA

ସୋମବାର, ୧୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ବୌଦ୍ଧ ଜିଲ୍ଲା ବିଜେପି ପୂର୍ବତନ ସଭାପତି ସୌମିତ୍ରୀ ନାୟକଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, ୧୮/୧୦ (ଆ.ପ୍ର) : ବୌଦ୍ଧ ଜିଲ୍ଲା ବିଜେପି ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ସୌମିତ୍ରୀ ନାୟକଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, "ସ୍ୱର୍ଗତ ସୌମିତ୍ରି ନାୟକ ଜଣେ ନିଷ୍ଠାପର, ଜନପ୍ରିୟ ଓ ସୁସଂଗଠକ ଥିଲେ । ଜିଲ୍ଲାରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହିତ ସାଧାରଣ ଲୋକଙ୍କ ସେବା ଓ ଅଂଚଳର ବିକାଶ ପାଇଁ ତାଙ୍କର ଅବଦାନ ସଦାସର୍ବଦା ସ୍ମରଣୀୟ ରହିବ । ତାଙ୍କ ବିୟୋଗ ଦଳ ତଥା ବୌଦ୍ଧ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ।" ସ୍ୱର୍ଗତଃ ନାୟକଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇବା ସହ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି ।

ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ବିଜୟୀ ପ୍ରାର୍ଥୀଙ୍କ ଶପଥ

ଛଡିଆ, ୧୮/୧୦ (ଆ.ପ୍ର) : ଛଡିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଶପଥ ଉତ୍ସବ କଲେଜ ପରିସରରେ ଅଧ୍ୟକ୍ଷ ବିମଳ ଚନ୍ଦ୍ର ମଲିକ ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ୧୪ଜଣ ବିଜୟୀ ପ୍ରାର୍ଥୀ ଶପଥ ଗ୍ରହଣ କରିଥିଲେ । ଅଧ୍ୟକ୍ଷ ପ୍ରାର୍ଥୀମାନଙ୍କୁ ଶପଥ କରାଇ ଥିଲେ । ସମସ୍ତ ବିଜୟୀ ପ୍ରାର୍ଥୀ ମାନେ ଆଗାମୀ ଦିନରେ ମିଳିମିଶି ମହାବିଦ୍ୟାଳୟ ର ଉନ୍ନତିକରିବାକୁ ଚେଷ୍ଟା କରିବା, ପରସ୍ପର ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି କହିଥିଲେ । ଏହି ଶପଥ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗଦେଇ ଥିଲେ ।

ବିଏସ୍ଏଫ୍‌ର ହୀରକ ଜୟନ୍ତୀ ଅବସରରେ ବାଲିଗୁଡ଼ାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ

ବାଲିଗୁଡ଼ା, ୧୮/୧୦ (ଆ.ପ୍ର) : ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ହୀରକ ଜୟନ୍ତୀ ପାଳନ ଅବସରରେ 'ଶାନ୍ତି ଏବଂ ବିକାଶ ପାଇଁ କ୍ରୀଡ଼ା-୨୦୨୬' କାର୍ଯ୍ୟକ୍ରମ ଅନ୍ତର୍ଗତ କନ୍ଧମାଳ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ ଆୟୋଜିତ ହେବ । ଜିଲ୍ଲା ପ୍ରଶାସନ, କନ୍ଧମାଳ ଏବଂ ୧୩୬ ବାଟାଲିୟନ୍ ବିଏସ୍ଏଫ୍‌ର ମିଳିତ ସହଯୋଗରେ ନଭେମ୍ବର ୪ ଓ ୫ ତାରିଖରେ ବାଲିଗୁଡ଼ା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ସ୍ତରରୁ ମନୋନୀତ ଦଳଗୁଡ଼ିକ ଅଂଶଗ୍ରହଣ କରିବେ । ନଭେମ୍ବର ୪ ତାରିଖ ସକାଳ ୯ଟାରେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହେବ । ଏହାପରେ ପ୍ରତିଯୋଗିତା ଆରମ୍ଭ ହେବ । ନଭେମ୍ବର ୫ ତାରିଖ ସକାଳ ୧୧ଟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ । କାର୍ଯ୍ୟସୂଚୀ ଅନୁଯାୟୀ, ଅଂଶଗ୍ରହଣକାରୀ ଦଳଗୁଡ଼ିକ ନଭେମ୍ବର ୩ ତାରିଖ ଅପରାହ୍ନ ୨ଟା ସୁଦ୍ଧା ନିଜ ନିଜ ବ୍ଲକ୍ ମୁଖ୍ୟାଳୟରୁ କାର୍ଯ୍ୟକ୍ରମ ସ୍ଥଳକୁ ପହଂଚିବେ । ପ୍ରତିଯୋଗିତା ଶେଷ ହେବା ପରେ ନଭେମ୍ବର ୫ ତାରିଖ ମଧ୍ୟାହ୍ନ ଭୋଜନ ପରେ ନିଜ ନିଜ ବ୍ଲକ୍‌କୁ ଫେରିବେ । କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଆବଶ୍ୟକ ପୁଲିସ କର୍ମଚାରୀ ମୁତୟନ କରିବାକୁ ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ପୂର୍ବତନ ବିଡିଓଙ୍କୁ ଅସଦାଚରଣ ଅଭିଯୋଗ ମାମଲା, ୩ ଅଭିଯୁକ୍ତଙ୍କୁ ଖଲାସ କଲେ ଅଦାଲତ

ଗୁଣପୁର, ୧୮/୧୦ (ଆ.ପ୍ର) : ପୂର୍ବତନ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଦାୟର ମାମଲାର ଶୁଣାଣି କରି ଗୁଣୁପୁର ଅତିରିକ୍ତ ଜିଲ୍ଲା ବୋରାଜଜ୍ ଦେବଦତ୍ତ ପଟ୍ଟନାୟକ ତିନି ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି । ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଏହି ରାୟ ଦେଇଥିବା ଜଣାପଡ଼ିଛି । ଖଲାସ ହୋଇଥିବା ଅଭିଯୁକ୍ତମାନେ ହେଲେ ଡମ୍ବସରା ଗ୍ରାମର ମଧୁସୂଦନ ଶବର, ଟାଲକମ୍ପା ଗ୍ରାମର ସନ୍ତୋଷ ରଥ ଏବଂ ଗୁଣପୁର ତେପସାହିର ବାଦ ପାଳ । ମାମଲାର ବିଚାର ପ୍ରକ୍ରିୟା ସମୟରେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟପ୍ରମାଣର ତର୍ଜମା ପରେ ବିଚାରପତି ଅଭିଯୁକ୍ତମାନଙ୍କୁ ଖଲାସ କରିଥିଲେ । ସରକାରଙ୍କ ପକ୍ଷରୁ ପ୍ରଦୀପ ଦାସ ମାମଲା ପରିଚାଳନା କରୁଥିବାବେଳେ ଅଭିଯୁକ୍ତଙ୍କ ପକ୍ଷରୁ ରମାଚରଣ ପଟ୍ଟନାୟକ, ଅକ୍ଷୟ କୁମାର ଶତପଥୀ ଓ ଅନ୍ୟମାନେ ଓକିଲାତି କରିଥିଲେ । ମାମଲାର ଅଭିଯୋଗ ଅନୁସାରେ, ନଭେମ୍ବର ୨୨ ତାରିଖରେ ପ୍ରାୟ ୫୦୦ ଲୋକ ଗୁଣପୁର ବ୍ଲକ୍ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ବିଡିଓଙ୍କ ବିରୋଧରେ ନାରାବାଜି କରିବା ସହ ଗାଳିଗୁଲଜ, ଅପମାନଜନକ ମନ୍ତବ୍ୟ ଓ ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ଘଟଣା ସମୟରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ଚିନାସାରି ଗ୍ରାମପଂଚାୟତକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ । ପରେ ସିସିଟିଭି ଫୁଟେଜ୍‌ରୁ ଘଟଣା ସମ୍ପର୍କରେ ଜାଣିବା ପରେ ସେ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତତ୍କାଳୀନ ଉପଖଣ୍ଡ ପୁଲିସ ଅଧିକାରୀ ବିକାଶ ରଞ୍ଜନ ବେଉରା ଘଟଣାର ତଦନ୍ତ କରିଥିଲେ । ଉକ୍ତ ସମୟରେ ବିଡିଓ ଓ ବ୍ଲକ୍ ଅଧ୍ୟକ୍ଷାଙ୍କ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା ।

ଉତ୍ସବମୁଖର ହୋଇଛି ଦଶପଲ୍ଲା ସହର

ଦଶପଲ୍ଲା, ୧୮/୧୦ (ଆ.ପ୍ର) : ପାର୍ବଣ ଋତୁର ଆଗମନରେ ଉତ୍ସବମୁଖର ହୋଇଉଠିଛି ଦଶପଲ୍ଲା ସହର । ଦୁର୍ଗାପୂଜା ଓ ଦଶହରାକୁ ନେଇ ସହରରେ ଦେଖିବାକୁ ମିଳୁଛି ଉତ୍ସାହ ଓ ଉଦ୍ଦୀପନାର ପରିବେଶ । ବିଭିନ୍ନ ବଜାର ଓ ରାସ୍ତାଘାଟ ଆଲୋକମାଳାରେ ସଜେଇ ହୋଇଥିବାବେଳେ ଆକର୍ଷଣୀୟ ତୋରଣ ଓ ପୂଜାମଣ୍ଡପ ଉତ୍ସବର ମାହୋଲକୁ ଅଧିକ ଆକର୍ଷଣୀୟ କରିଛି । ପାର୍ବଣକୁ ସ୍ୱାଗତ କରିବା ପାଇଁ ଘରେ ଘରେ ସଫାସୁତୁରା ସହ ରଙ୍ଗୋଲି ଓ ଚିତ୍ରାଙ୍କନରେ ଲାଗିପଡ଼ିଛନ୍ତି ଲୋକେ । ବଜାରରେ ନୂଆ ପୋଷାକ, ମିଠା, ଖେଳନା ଓ ପୂଜା ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି । ବିଭିନ୍ନ ପୂଜାମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସହ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ଶୋଭା ପାଉଛି । ପାର୍ବଣର ଏହି ଆନନ୍ଦମୟ ପରିବେଶ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଉଲ୍ଲାସ ଭରିଦେଉଛି । ଦଶପଲ୍ଲା ସହରର ଦୁର୍ଗା ବଜାର ଓ ଘରୋଇ ମୋଟର କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ରଙ୍ଗ ଓ ସାଜସଜ୍ଜାରେ ସୁସଜ୍ଜିତ କରାଯାଇଛି । ମା' ଦୁର୍ଗାଙ୍କ ଦର୍ଶନ ପାଇଁ ଉଭୟ ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମିବା ସହ ଦର୍ଶନାର୍ଥୀଙ୍କ ଧାଡ଼ି ଲମ୍ବିଥିବା ଦେଖିବାକୁ ମିଳୁଛି । ପାର୍ବଣର ଏହି ଉତ୍ସବ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ବରଂ ସାମାଜିକ ସଦ୍‌ଭାବ, ଭାଇଚାରା ଓ ସାଂସ୍କୃତିକ ଏକତାର ବାର୍ତ୍ତା ବହନ କରୁଛି । ଅନ୍ୟପକ୍ଷରେ, ପୂଜା ସମୟରେ ଶାନ୍ତିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଦଶପଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଗୁଣପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ ଆୟୋଜନ ପାଇଁ ପ୍ରସ୍ତୁତି

ଗୁଣପୁର, ୧୮/୧୦ (ଆ.ପ୍ର) : ଗୁଣପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆସନ୍ତା କାର୍ତ୍ତିକ ମାସରେ ଆୟୋଜନ ହେବାକୁ ଥିବା ୨୪ ପ୍ରହର ନାମଯଜ୍ଞ ମହୋତ୍ସବକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ବସିଥିବା ବେଳେ ଗୁଣପୁର ଓ ଏହାର ଆଖପାଖ ଅଂଚଳର ୫୬ଟି ସଂକୀର୍ତ୍ତନ ମଣ୍ଡଳୀର ଗୁରୁମାନେ ଯୋଗଦେଇଥିଲେ । ଆସନ୍ତା ନଭେମ୍ବର ୧୮ ତାରିଖ ଅଁଳା ନବମୀ ଦିନ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ସହ ମହୋତ୍ସବର ଶୁଭାରମ୍ଭ ହେବ । ନଭେମ୍ବର ୧୯ ତାରିଖ ଦଶମୀ ତିଥିରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ୨୨ ତାରିଖ ଦ୍ୱାଦଶୀ ତିଥି ସକାଳ ପର୍ଯ୍ୟନ୍ତ ଚାଲିବ । ଏହାପରେ ପୂର୍ଣ୍ଣାହୁତି, ନଗର ପରିକ୍ରମା ଓ ଦଧିହାଣ୍ଡି ଭଞ୍ଜନ ଆଦି କାର୍ଯ୍ୟକ୍ରମ ହେବ । ବୈଠକରେ ନାମଯଜ୍ଞର ସୁଚାରୁ ପରିଚାଳନା, ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ଅଂଶଗ୍ରହଣ ଏବଂ କୀର୍ତ୍ତନ ପରିବେଷଣ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ସମସ୍ତ ମଣ୍ଡଳୀର ମିଳିତ ସହଯୋଗରେ ମହୋତ୍ସବକୁ ଶୃଙ୍ଖଳିତ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ କରିବା ନେଇ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ଶ୍ରୀ ଜଗନ୍ନାଥ ମନ୍ଦିର କମିଟିର ସୂର୍ଯ୍ୟ ନାରାୟଣ ପଣ୍ଡା, ଅଦିତ୍ୟବାହିନୀର ରାଜ୍ୟ ଉପସଭାପତି ତ୍ରିପତି ମହାନ୍ତି, ତ୍ରିପତି ରଥ, ଭାଗିରଥି ବିଶୋଇ, ସମାଜସେବୀ ଉମା ଦାସ, ରଞ୍ଜିତ ପାଢ଼ୀ, ସନ୍ତୋଷ ପଣ୍ଡା, ତ୍ରିପତି ପଣ୍ଡା ଓ ନୁନୁ ପାଢ଼ୀଙ୍କ ସମେତ ମନ୍ଦିରର ପୂଜକ ମନୋଜ ପାଢ଼ୀ ଓ ବିନୁ ସାହୁ ଉପସ୍ଥିତ ଥିଲେ । ସେହିପରି ସଂକୀର୍ତ୍ତନ ମଣ୍ଡଳୀର ଗୁରୁ ସତ୍ୟ ନାରାୟଣ ପାଣିଗ୍ରାହୀ, ଯଜ୍ଞଦତ୍ତ ବେହେରା, ଶ୍ୟାମ ସୁନ୍ଦର ସାହୁ, ଦିବ୍ୟ ନିଶଙ୍କ, କେଶବ ଅଧିକାରୀ, ପ୍ରଶାନ୍ତ କୁମାର ପାତ୍ର, ଶିବାନନ୍ଦ ଗୌଡ଼, ବାବୁଲି ପଣ୍ଡା, ପଙ୍କଜ ବେହେରା ଓ ଫେଂଟ କାଳକାଙ୍କ ସମେତ ବିଭିନ୍ନ ମଣ୍ଡଳୀର ପ୍ରତିନିଧି ଯୋଗଦେଇଥିଲେ । ଶବର ସମାଜର ଯାତ୍ରା ଶବର ଓ ଶଙ୍କର ଶବର ଏବଂ ଗୁଡ଼ାରୀର ଦୟାଳୁ କାହ୍ରାକା ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ମହୋତ୍ସବକୁ ସଫଳ କରିବା ନିମନ୍ତେ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଓ ଆୟୋଜକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଆବଶ୍ୟକ ପ୍ରସ୍ତୁତି ସମୟ ମଧ୍ୟରେ ଶେଷ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

କାକଟପୁରରେ ମରଣଯନ୍ତା ପାଲଟିଛି ଭଙ୍ଗା ପ୍ଲାଷ୍ଟିକ୍ ହମ୍ପ

କାକଟପୁର, ୧୮/୧୦(ଆ.ପ୍ର): ଜନସାଧାରଣଙ୍କ ସୁରକ୍ଷା ପାଇଁ ରାସ୍ତାରେ ଲଗାଯାଇଥିବା ପ୍ଲାଷ୍ଟିକ୍ ହମ୍ପ ଏବେ ନିଜେ ଦୁର୍ଘଟଣାର କାରଣ ପାଲଟିବାକୁ ବସିଛି । ପୁରୀ ଜିଲ୍ଲା କାକଟପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ପ୍ଲାଷ୍ଟିକ୍ ହମ୍ପ ଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ସେଥିରୁ ଧାତବ ଅଂଶ ଓ ରଡ୍ ବାହାରି ରହିଥିବା ଚିତ୍ର ସାମ୍ନାକୁ ଆସିଛି । ଏହି ଅବସ୍ଥା ଯୋଗୁଁ ଯାତାୟାତ କରୁଥିବା ମୋଟର ସାଇକେଲ୍ ଚାଳକ, ସାଇକେଲ୍ ଆରୋହୀ ଏବଂ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଉଠିଛି । ବିଶେଷକରି ବିଦ୍ୟାଳୟ ସମ୍ମୁଖରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥା ରହିବା ଚିନ୍ତାଜନକ । ହମ୍ପ ଉପରେ ଯାନବାହନ ଚଳାଚଳ ସମୟରେ ଭାଙ୍ଗିଥିବା ଅଂଶରେ ଚକା ଲାଗିଯିବା, ଯାନର ଭାରସାମ୍ୟ ହରାଇବା କିମ୍ବା ଚାଳକ ହଠାତ୍ ନିୟନ୍ତ୍ରଣ ହରାଇବାର ଆଶଙ୍କା ରହିଛି । ରାସ୍ତାରେ ଏଭଳି ଭଙ୍ଗା ହମ୍ପ ରହିବା କେବଳ ଅବ୍ୟବସ୍ଥାର ଚିତ୍ର ନୁହେଁ, ବରଂ ଜନସୁରକ୍ଷା ପ୍ରତି ଏକ ଗମ୍ଭୀର ଚେତାବନୀ । ଏଠାରେ ପ୍ରଶ୍ନ ଉଠୁଛି ରାସ୍ତାରେ ହମ୍ପ ଲଗାଇବା ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର । ଭାଙ୍ଗିଯାଇଥିବା ହମ୍ପକୁ ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗର ନଜର ପଡୁନାହିଁ କାହିଁକି । ଏହି ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ପାଇଁ କେବେ ପଦକ୍ଷେପ ନିଆଯିବ । ସମ୍ଭାବ୍ୟ ଦୁର୍ଘଟଣା ଘଟିବା ପରେ ପ୍ରଶାସନ ଚେତିବା ଅପେକ୍ଷା, ଦୁର୍ଘଟଣା ପୂର୍ବରୁ ତୁରନ୍ତ ପଦକ୍ଷେପ ନେବା ଅଧିକ ଜରୁରୀ । ତେଣୁ ସମ୍ପୃକ୍ତ ପୂର୍ତ୍ତ ବିଭାଗ ଓ ପ୍ରଶାସନ ଏହି ସ୍ଥାନରେ ତୁରନ୍ତ ଯାଂଚ କରି ଭଙ୍ଗା ହମ୍ପର ମରାମତି କିମ୍ବା ଆବଶ୍ୟକ ହେଲେ ନୂତନ ହମ୍ପ ସ୍ଥାପନ କରିବା ସହ ଅଂଚଳବାସୀ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ । ଏବେ ଦେଖିବାକୁ ବାକି ସମ୍ପୃକ୍ତ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନେଉଛି ନା ଏକ ବଡ଼ ଅଘଟଣ ପର୍ଯ୍ୟନ୍ତ ଅପେକ୍ଷା କରୁଛି ।

୫,୫୨୦ ବୋତଲ କଫ୍ ସିରପ୍ ଜବତ : ଦଶ ଜଣ ଗିରଫ

ଖୋର୍ଦ୍ଧା, ୧୮/୧୦ (ଆ.ପ୍ର) : ଆନ୍ତଃରାଜ୍ୟ କୋରେକ୍ସ କଫ୍ ସିରପ୍ ଚୋରା କାରବାରର ପର୍ଦ୍ଦାଫାସ କରି ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋର୍ଦ୍ଧା ପୋଲିସକୁ ମିଳିଛି ବଡ଼ ସଫଳତା । ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ବିହାରର ମୂଳ ବାସିନ୍ଦା ତଥା ଓଡ଼ିଶାର ପ୍ରମୁଖ କୋରେକ୍ସ ଯୋଗାଣକାରୀ ଗୋପୀ ଯାଦବ ରହିଛି । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅକ୍ଟୋବର ୧୮ ତାରିଖ ଭୋ଼ର ପ୍ରାୟ ସମୟରେ ଖୋର୍ଦ୍ଧା-ନୟାଗଡ଼ ନୂଆ ବାଇପାସ୍ ରାସ୍ତାର ନୂଆଗାଁ ନିକଟରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ମୋଟ ୫,୫୨୦ ବୋତଲ ଗ୍ରିନ୍ ସେରେକ୍ସ କଫ୍ ସିରପ୍ ଜବତ କରାଯାଇଛି । ଗୁଇନ୍ଦା ସୂଚନା ଆଧାରରେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୁଲିସ ଏହି ଅଭିଯାନ ଚଳାଇଥିଲା ।ତେବେ ଖୋର୍ଦ୍ଧା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କୋଲକାତା, ହରିୟାଣା ଓ ଦିଲ୍ଲୀ ଇତ୍ୟାଦି ବହୁ ସ୍ଥାନରୁ କଫ୍ ସିରପ୍ ସଂଗ୍ରହ କରାଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଥିଲା । ସମ୍ପୃକ୍ତ ଚୋରା କାରବାରରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଚଢ଼ାଉ ବେଳେ କଫ୍ ସିରପ୍ ସହିତ ଦୁଇଟି କାର୍, ଗୋଟିଏ ଟ୍ରଲି ଅଟୋ, ଗୋଟିଏ ବାଇକ୍, ଗୋଟିଏ ସ୍କୁଟି, ୧୧ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୩୦ ହଜାର ଟଙ୍କା ଜବତ କରାଯାଇଛି । ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଫରୱାର୍ଡ କରାଯାଇଅଛି । ଏହି ଚୋରା କାରବାରରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଅବଗତ ହେବା ପାଇଁ ପୋଲିସ ତଦନ୍ତ ପ୍ରକ୍ରିୟା ଜାରି ରହିଛି । ପାର୍ବଣ ଋତୁରେ ପୋଲିସର ଏହିଭଳି ଧରପଗଡ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

ଶିକ୍ଷାବିତ୍ ଓ ଜ୍ୟୋତିର୍ବିଦ ରଘୁନାଥ ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର, ୧୮/୧୦ (ଆ.ପ୍ର) : ଜଗତସିଂହପୁର ବ୍ଲକ ଆନ୍ତର୍ଗତ ପଳାଶୋଳ ଗ୍ରାମ ପଂଚାୟତର ପଳାଶୋଳ ୟୁଥ୍ ହେଲ୍ପିଙ୍ଗ ହ୍ୟାଣ୍ଡ ଚାରୀଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରବୀଣ ଶିକ୍ଷାବିତ୍ ଓ ବିଶିଷ୍ଟ ଜ୍ୟୋତିର୍ବିଦ ସ୍ୱର୍ଗତ ରଘୁନାଥ ଷଡ଼ଙ୍ଗୀଙ୍କ ବିୟୋଗର ଏକାଦଶ ଦିବସରେ ଟ୍ରଷ୍ଟ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଟ୍ରଷ୍ଟର ସଭାପତି ଆକ୍ଷୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ପଳାଶୋଳ ଗ୍ରାମ ପଂଚାୟତର ସରପଂଚ ମେନକା ଦାସ, ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ଆଲେଖ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ସମ୍ମାନନୀୟ ଅତିଥି ଭାବେ ପଳାଶୋଳ ଗ୍ରାମ ପଂଚାୟତର ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ରମାରଞ୍ଜନ ସ୍ୱାଇଁ, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷାବିତ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଟ୍ରଷ୍ଟର ଉପ ସଭାପତି ଗିତୁରିଜ ମହାନ୍ତୀ, ସହ ସମ୍ପାଦକ ଜାମିନି କାନ୍ତ ନନ୍ଦ, ସମ୍ପାଦକ ସ୍ମୃତିରଞ୍ଜନ ବେହେରା, ପଳାଶୋଳପଂଚାୟତର ୱାର୍ଡମେମ୍ବର ଝରେନ୍ଦ୍ର ବେହେରା, ନଖିଆ ବାରିକ, କବିତା ବାରିକ, ସୁଭାଷ ପରିଡ଼ା, ଫେଲୁମହାନ୍ତୀ, ବୁଲୁ ମହାନ୍ତି, ମାନସ ରଞ୍ଜନ ମହାନ୍ତୀ, ପ୍ରଶାନ୍ତ କୁମାର ଭୋଇ, ରୁକୁଣୀ ଭୋଇ, ମମତା ଜାଣି, ବସନ୍ତ ଜାଣି, ରଞ୍ଜିତା ଦାସ, ଲକ୍ଷ୍ମୀ ସେଠି, ଟୁମୁକିସେଠି, ଶ୍ରୀନିବାସ ଷଡ଼ଙ୍ଗୀ, ସନ୍ତୋଷ କୁମାର ବେହେରା ଓ ଉପଦେଷ୍ଟା ସରୋଜ କୁମର ଦ୍ୱିବେଦୀ, ବ୍ରଜବନ୍ଧୁ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ବୁଲୁ ସ୍ୱାଇଁ, ଅନାମ ଚରଣ ବେହୁରା, ଆଦିକନ୍ଦ ସ୍ୱାଇଁ, ଓ ଟ୍ରଷ୍ଟର ସଦସ୍ୟ ସୁରଜ ବେହେରା, ମାନସ କୁମାର ଜାଣି, ପପୁ ସାମଲ, ପଡିଆ ସେଠି, ଫିଂଟୁ, ନାନା, ହେମା ସେଠୀ, ଡିଲୁନନା, ମଂଟି ଦାସ, ଦେବଦତ୍ତ ଦାସ, ରମିଆ ସାହୁ, ବାବୁଲା ନାୟକ, ମୁନା ଦାସ, କଲ୍ୟାଣ ପଟ୍ଟନାୟକ, ହିମାଂଶୁ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ତ୍ରୀ ଓ ସାନପୁଅ ସୌମ୍ୟ ରଞ୍ଜନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ଶେଷରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ବଡ଼ ପୁଅ ସୌମ୍ୟଂଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଳାଶୋଳ ପଂଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ ।

ବନ୍ଧୁକର ଗର୍ଜନ ଥମିଛି, ହେଲେ ଡୋକ୍ରି ଘାଟିରେ ପହଂଚିନି ବିକାଶର ଆଲୋକ

କୋରାପୁଟ, ୧୮/୧୦ (ଆ.ପ୍ର) : ଦିନେ ଯେଉଁ ପାହାଡ଼ ଓ ଜଙ୍ଗଲରେ ଗର୍ଜୁଥିଲା ବନ୍ଧୁକ, ଆଜି ସେଠାରେ ଫେରିଛି ଶାନ୍ତିର ପରିବେଶ । ହେଲେ ଶାନ୍ତି ଫେରିଥିଲେ ମଧ୍ୟ ବଦଳିପାରିନି ଗ୍ରାମବାସୀଙ୍କ ଭାଗ୍ୟ । କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଡୋକ୍ରି ଘାଟି ଗାଁ ଆଜି ବି ବିକାଶର ମୁଖ୍ୟସ୍ରୋତରୁ ଦୂରରେ ରହିଥିବା ଅଭିଯୋଗ ହୋଇଛି । ପକ୍କା ରାସ୍ତାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତ ଭଳି ମୌଳିକ ସୁବିଧା ପାଇଁ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡୁଛି । ଏକଦା ମାଓବାଦୀଙ୍କ ଗତିବିଧି ପାଇଁ ନାରାୟଣପାଟଣା ଅଂଚଳ ଚର୍ଚ୍ଚାରେ ରହିଥିଲା । ଜଙ୍ଗଲ ମଧ୍ୟରେ ଗୁଳିବିନିମୟ ଓ ହିଂସାତ୍ମକ ଘଟଣା ଯୋଗୁଁ ଅଂଚଳବାସୀ ଭୟ ଓ ଆଶଙ୍କା ମଧ୍ୟରେ ଜୀବନ ବିତାଉଥିଲେ । ୨୦୧୮ ମସିହା ମାର୍ଚ୍ଚ ୨୫ ତାରିଖରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ଚାରି ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି । ସେହି ସମୟରେ ଡୋକ୍ରି ଘାଟି ସମେତ ଗୁମାଣ୍ଡି ଓ ବାସ୍ନାପୁଟ ଭଳି ଆଖପାଖ ଗ୍ରାମଗୁଡ଼ିକରେ ମଧ୍ୟ ଭୟର ବାତାବରଣ ଲାଗି ରହିଥିଲା । ସମୟ ସହିତ ନାରାୟଣପାଟଣାର ପରିସ୍ଥିତି ବଦଳିଛି । ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଇବା ସହ ବିଭିନ୍ନ ଅଂଚଳରେ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଘଟିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢୁଛି । କିନ୍ତୁ ଡୋକ୍ରି ଘାଟି ଗାଁରେ ଏହି ପରିବର୍ତ୍ତନର ସୁଫଳ ପହଂଚିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ । ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟସେବାର ଅଭାବ ରହିଛି । ଏପରିକି ଯାତାୟାତ ସମସ୍ୟା ଦୂର କରିବାକୁ ଗାଁର କିଛି ଯୁବକ ନିଜ ଅର୍ଥ ଖର୍ଚ୍ଚ କରି ମେସିନ୍ ସହାୟତାରେ ରାସ୍ତା ତିଆରି କରିଥିବା କହିଛନ୍ତି । ଏନେଇ କୋରାପୁଟ ଜିଲ୍ଲାପାଳ, ବିଡିଓ ଓ ପଂଚାୟତ ଅଧିକାରୀଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ନିର୍ବାଚନ ସମୟରେ ଜନପ୍ରତିନିଧିମାନେ ବିକାଶର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ପୂରଣ ହେଉନଥିବା ଡୋକ୍ରିଘାଟିର ମାତା ତାଡିଙ୍ଗି,ଅଜୟ ତାଡିଙ୍ଗି, ଧୋବୁଲୁ ହିମିରିକା କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ଗ୍ରାମବାସୀଙ୍କ ଏହି ଅଭିଯୋଗ ସମ୍ପର୍କରେ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ । ମାଓବାଦୀଙ୍କ ଭୟରୁ ମୁକ୍ତ ହୋଇଥିବା ଡୋକ୍ରି ଘାଟିରେ କେବେ ପହଂଚିବ ବିକାଶର ଆଲୋକ, ତାହାକୁ ନେଇ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ ।

ଦଶହରା ପୂଜାରେ ବି କାର୍ଯ୍ୟକ୍ଷମ ହେଲାନି ଉଜ୍ଜ୍ୱଳ ଆଲୋକୀକରଣ

ନିଶ୍ଚିନ୍ତକୋଇଲି, ୧୮/୧୦ (ଆ.ପ୍ର) : ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର କୁଜିଆ ଠାରୁ କଟିକଣ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଗତ ବିଜୁଜନତା ଦଳ ସରକାର ସମୟରେ ଉଜ୍ଜ୍ୱଳ ଆଲୋକିକରଣ ବ୍ୟବସ୍ଥା କରାଯାଇଥିଲା । ଏବେ ଅନେକ ସ୍ଥାନରେ କେଉଁଠି ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ବଲବ୍ ନାହିଁତ, ଅନ୍ୟ କେଉଁଠି ବିଦ୍ୟୁତ୍ ଖୁଂଟରେ ଅନାବନା ଗଛଲତା ମାଡ଼ି ଜଙ୍ଗଲ ସୃଷ୍ଟି ହୋଇଛି । ଦଶହରା ପୂଜା ପୂର୍ବରୁ ଅଚଳ ଆଲୋକୀକରଣ ବ୍ୟବସ୍ଥାକୁ ସଚଳ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ଏଥିରେ କୌଣସି ସୁଧାର ଆସିଲା ନାହିଁ ତୁରନ୍ତ ଅଚଳ ଅବସ୍ଥାରେ ଥିବା ଆଲୋକୀକରଣ ବ୍ୟବସ୍ଥାକୁ ସଚଳ କରାଯିବାକୁ ସାଧାରଣରେ ଦାବି ହୋଇଛି ।

ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ଜିଲ୍ଲାପାଳ

ନବରଙ୍ଗପୁର, ୧୮/୧୦ (ଆ.ପ୍ର) : ଜିଲ୍ଲାପାଳ ମଧୁମିତା ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଏସଏନସିୟୁ ପରିଦର୍ଶନ କରି ଗତକାଲି ନବରଙ୍ଗପୁରର ହିର୍ଲି ଛକ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ପାଖ ବୁଦା ମଧ୍ୟରୁ ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବା ସହ ତାକୁ ଦିଆଯାଉଥିବା ଚିକିତ୍ସା, ଯତ୍ନ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ପଚାରି ବୁଝି ଶିଶୁକନ୍ୟାକୁ ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଏସଏନସିୟୁର ଭିତିଭୂମି ଓ ଅନୁସାଙ୍ଗିକ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିବା ପରେ ୱାନ୍ ଷ୍ଟପ୍ ସେଂଟର ପରିଦର୍ଶନ କରି ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ଏହା ସହିତ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ ଏବଂ ଅସହାୟ ଓ ସଙ୍କଟାପନ୍ନ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା, ଯତ୍ନ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଆବଶ୍ୟକତା ଥିବା ମହିଳାମାନଙ୍କୁ ସୁରକ୍ଷିତ ଓ ସହଯୋଗପୂର୍ଣ୍ଣ ପରିବେଶରେ ଆବଶ୍ୟକୀୟ ସେବା ଓ ସହାୟତା ଯୋଗାଇଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

ପ୍ରକୃତିର କୋଳରେ ଜଳରଙ୍ଗର ଯାଦୁ:
ନୂଆପଡ଼ା ଓ ବଲାଙ୍ଗୀରରେ ଅନୁଷ୍ଠିତ ହେବ ଦୁଇଦିନିଆ ଚିତ୍ରକଳା ଶିବିର

ବାଲେଶ୍ୱର, ୧୮/୧୦ (ଆ.ପ୍ର) : ପଶ୍ଚିମ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, କଳା ଓ ସଂସ୍କୃତିକୁ ଜଳରଙ୍ଗରେ ଜୀବନ୍ତ ରୂପ ଦେବା ଉଦ୍ଦେଶ୍ୟରେ ଆସନ୍ତା ଅକ୍ଟୋବର ୨୪ ଓ ୨୫ ତାରିଖରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଦୁଇଦିନିଆ ପ୍ଲେନ୍ ଏୟାର୍ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହେବ । ଏହି ଶିବିରରେ ପଶ୍ଚିମ ଓଡ଼ିଶାର ୧୩ ଜଣ ପ୍ରତିଭାସମ୍ପନ୍ନ ଜଳରଙ୍ଗ ଚିତ୍ରଶିଳ୍ପୀ କେଦାର ନାୟକ, ମନୋରଞ୍ଜନ ଜୟପୁରିଆ, ଚିନ୍ତାମଣି ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମେହେର, ସୁଶାନ୍ତ ମେହେର, ବୃନ୍ଦାବନ ବିଶୀ, ପ୍ରଭୁଦାୟଲ ତାଣ୍ଡି, ବିକାଶ ମାଝୀ, ନୀତିଶ କୁମାର ସାହୁ, ଦକ୍ଷ ଜୟପୁରିଆ, ପ୍ରିୟଂଶି ପ୍ରିୟଦର୍ଶିନୀ ପ୍ରଧାନ, ଦିବ୍ୟାଂଶୀ ସ ଓ କନିଷ୍କା ସ ଅଂଶଗ୍ରହଣ କରିବେ । ଶିବିରର ପ୍ରଥମ ଦିନ ଅକ୍ଟୋବର ୨୪ରେ ବଲାଙ୍ଗୀର ଜିଲ୍ଲାର ଐତିହାସିକ ସ୍ଥଳୀ ରାଣୀପୁର ଝରିଆଲରେ ଏବଂ ଦ୍ୱିତୀୟ ଦିନ ଅକ୍ଟୋବର ୨୫ରେ ନୂଆପଡ଼ା ଜିଲ୍ଲାର ତିଖାଲି ଡ୍ୟାମ୍‌ଠାରେ ଚିତ୍ରକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶିଳ୍ପୀମାନେ ଏହି ସ୍ଥାନଗୁଡ଼ିକର ପ୍ରାକୃତିକ ପରିବେଶ, ଜନଜୀବନ, ସବୁଜିମା ଓ ଐତିହାସିକ କୀର୍ତ୍ତିରାଜିକୁ ସାମ୍ନାରେ ରଖି ସିଧାସଳଖ କାଗଜରେ ଜଳରଙ୍ଗ ମାଧ୍ୟମରେ ଚିତ୍ର ଆଙ୍କିବେ । ପ୍ରକୃତିକୁ ନିକଟରୁ ଅନୁଭବ କରି ଚିତ୍ରାଙ୍କନ କରିବାର ଏହି ପଦ୍ଧତିକୁ 'ପ୍ଲେନ୍ ଏୟାର୍ ପେଂଟିଂ' କୁହାଯାଏ । ଏହା କେବଳ ଏକ ଚିତ୍ରକଳା ଶିବିର ନୁହେଁ, ବରଂ ପ୍ରକୃତି ଓ କଳା ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବା ସହ ପଶ୍ଚିମ ଓଡ଼ିଶାର ସମୃଦ୍ଧ କଳାତ୍ମକ ଓ ସାଂସ୍କୃତିକ ପରିଚୟକୁ ବ୍ୟାପକ ଭାବେ ପ୍ରଚାର କରିବାର ଏକ ଅଭିନବ ପ୍ରୟାସ । ଏହି କଳାତ୍ମକ ଆୟୋଜନରେ ଯୋଗଦେବା ପାଇଁ କଳାପ୍ରେମୀ, ଚିତ୍ରକଳା ଅନୁରାଗୀ ଓ ସାଧାରଣ ଜନତାଙ୍କୁ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଛି ।

ଭୁକ୍ଷେଣ୍ଡେଶ୍ୱର ୟଙ୍ଗ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ଭୋଗରାଇ, ୧୮/୧୦ (ଆ.ପ୍ର) : ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଂଚାୟତର ଭୁକ୍ଷେଣ୍ଡେଶ୍ୱର ବାତ୍ୟା ଆଶ୍ରୟସ୍ଥଳୀରେ ବାବା ଭୁକ୍ଷେଣ୍ଡେଶ୍ୱର ୟଙ୍ଗ ଷ୍ଟାର କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜେପି ନେତା ଆଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ରଘୁନାଥ ଦାସ, ହରିପଦ ଦାସ, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଡାକ୍ତର ଉତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଶିବିରରେ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସମୀର ମଣ୍ଡଳ, ଜିତେନ୍ଦ୍ର ମଣ୍ଡଳ, ସୁମିତ ମଣ୍ଡଳ, ସଞ୍ଜୟ ବାରିକ, ରଞ୍ଜନ ବାରିକ, ରବୀନ୍ଦ୍ର ମଣ୍ଡଳ, ତପନ ମଣ୍ଡଳ, ହରେନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

କଳାହିରେ ଶକ୍ତି ସ୍ୱରୂପା ମା' ଦଶଭୁଜାଙ୍କୁ ଆବାହନ

ଭୋଗରାଇ, ୧୮/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ମନ୍ଦାରସାହି ପଂଚାୟତ ଅନ୍ତର୍ଗତ କାକାହି ସାର୍ବଜନୀନ ଦୁର୍ଗାପୂଜା ପାଇଁ ଚଳଚଂଚଳ ହୋଇ ଉଠିଛି ସମଗ୍ର ଅଂଚଳ । ଏହି ଅଂଚଳରେ ସର୍ବପ୍ରଥମ ସାର୍ବଜନୀନ ଦୁର୍ଗାପୂଜା ଭାବେ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ । ତତ୍କାଳୀନ ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ପିତାମ୍ବର ଜେନାଙ୍କ ପ୍ରଚେଷ୍ଟାରେ ୧୯୮୧ ମସିହାରେ ଶୁଭାରମ୍ଭ ହୋଇଥିବା ଏହି ସାର୍ବଜନୀନ ଦୁର୍ଗାପୂଜାକୁ ୪୬ ବର୍ଷ ପୂରିଛି । ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପୀଠରେ ପୂଜା ଶୁକ୍ରବାର ଷଷ୍ଠୀ ତିଥିରେ ବିଲ୍ୱବରଣ ଠାରୁ ଆରମ୍ଭ ହୋଇ ବୁଧବାର ଦଶମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିବ କ୍ଷ ଶନିବାର ସକାଳେ ଘଟୋତୋଳନ ପରେ ଶହଶ୍ରାଧିକ ମହିଳାମାନେ ହାତରେ ଶଙ୍ଖ, ଡାଲି ନେଇ ମା'ଙ୍କ ଚଳନ୍ତି ଘଟକୁ ଆବାହାନ କରି ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା । ତାପରେ ସପ୍ତମୀ ବିହିତ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା । ସୋମବାର ମଣ୍ଡପରେ ମହାଅଷ୍ଟମୀ ବିହିତ ପୂଜା, ମଙ୍ଗଳବାର ନବମୀ ବିହିତ ପୂଜା ଓ ଗୁରୁବାର ଦଶମୀ ବିହିତ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେବା ସହିତ ଏହି ମେଳା ଆସନ୍ତା ଶନିବାର ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆକର୍ଷଣୀୟ ମଣ୍ଡପ ସହିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି । ପ୍ରତିବର୍ଷପରି ଚଳିତ ବର୍ଷ ମା'ଙ୍କର ପ୍ରତିମୂର୍ତ୍ତି ସ୍ଥାନୀୟ ସରପଂଚ ମମତା ସାହୁ ପ୍ରଦାନ କରିଛନ୍ତି । ପୂଜା କମିଟିର ସଭାପତି ପ୍ରମୋଦ କୁମାର ବେହେରାଙ୍କ ସହିତ ସମସ୍ତ ସଦସ୍ୟମାନେ ଉକ୍ତ ମେଳାକୁ ପରିଚାଳନାରେ ସହଯୋଗ କରିଥିଲେ ।

ଦେହୁର୍ଦ୍ଧା ରାୟ ମହାଶୟ ଗଡ଼ର ଦୁର୍ଗାପୂଜାକୁ ୫୩୯ ବର୍ଷ ପୂରିଲା

ଭୋଗରାଇ, ୧୮/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ଦେହୁର୍ଦ୍ଧା ରାୟ ମହାଶୟ ଗଡ଼ର ଦୁର୍ଗାପୂଜା ୫୩୯ ବର୍ଷରେ ପଦାର୍ପଣ କରିଛି । ରାୟ ମହାଶୟ ପରିବାର ଜମିଦାରୀ ଉଚ୍ଛେଦ ପରେ ବିଗତ ୭୨ ବର୍ଷ ଧରି ସାର୍ବଜନୀନ ପୂଜା ଅନୁଷ୍ଠିତ ହୋଇଆସୁଛି । ଦେହୁର୍ଦ୍ଧା ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗରେ ଦୁର୍ଗାଦେବୀଙ୍କ ପୂଜା ଶୁକ୍ରବାର ଷଷ୍ଠୀ ତିଥିରେ ବେଲବରଣ ଠାରୁ ଆରମ୍ଭ ହୋଇ ବୁଧବାର ଦଶମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ । ଶନିବାର ସକାଳେ ଘଟୋତୋଳନରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୁରୁଷ ଓ ମହିଳାମାନେ ହାତରେ ଶଙ୍ଖ, ଡାଲି ନେଇ ଗାଁ ପରିକ୍ରମା କରିବା ପରେ ମଣ୍ଡପରେ ଘଟ ସ୍ଥାପନ କରାଯିବ । ତାପରେ ସପ୍ତମୀ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେବ । ସୋମବାର ମଣ୍ଡପରେ ମହାଅଷ୍ଟମୀ ପୂଜା ସହିତ ପୂର୍ବାହ୍ନରେ ସନ୍ଧି ପୂଜା ଅନୁଷ୍ଠିତ ହେବା ସହିତ ହଜାର ହଜାର ମହିଳା ଭକ୍ତମାନେ ଆସି ମା'ଙ୍କ ଠାରେ ପୂଜାର୍ଚ୍ଚନା କରି ଉପବାସ ବ୍ରତ ପାଳନ କରିବେ । ମଙ୍ଗଳବାର ନବମୀ ପୂଜା ଓ ବୁଧବାର ଦଶମୀ ପୂଜା ଅନୁଷ୍ଠିତ ହେବା ସହିତ ଗୁରୁବାର ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ତାହା ସହିତ ୭୦ ଫୁଟର କଲିକତା ରାମକୃଷ୍ଣ ମଠ ଢାଂଚାରେ ତୋରଣ ସହିତ ବିଭିନ୍ନ ପ୍ରକାରର ଆଲୋକ ମାଳାରେ ଝଲସୁଛି ପୂଜା ମଣ୍ଡପ । ପୂଜା କମିଟିର ସଭାପତି ଅନୁପ କୁମାର ମିଶ୍ର, ସଂପାଦକ ନିତାଇ ଚରଣ ଆଚାର୍ଯ୍ୟ, ଯୁଗ୍ମ ସଂପାଦକ ମାନସ କୁମାର ଗାଙ୍ଗୁଲି ତଥା ଅନ୍ୟାନ୍ୟ ସଦସ୍ୟ ମନୋଜ କୁମାର ରାୟ, ସୁଧାପ୍ରିୟ ଦାସ, ତପନ କୁମାର ଆଚାର୍ଯ୍ୟ, ପ୍ରଦୀପ କୁମାର ଦାସ, ଶକ୍ତିପଦ ଦାସ, ହରେନ୍ଦ୍ର ମଣ୍ଡଳ, ଲବ କର, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଗିରି, ଦୁଲାଲ ଗିରି, ରାଜେନ୍ଦ୍ର କର, ବଳରାମ ମହାନ୍ତି ତଥା ପୂଜକ ମଣ୍ଡଳି ଶୈଳଜା ନନ୍ଦନ ଚାଟାର୍ଜୀ, ମାନସ ମିଶ୍ର, ଶ୍ୟାମପଦ ମିଶ୍ର, ଅନନ୍ତ ଗାଙ୍ଗୁଲି, ପ୍ରଣବ ମିଶ୍ର, ପଙ୍କଜ ମିଶ୍ର, ତପନ ମିଶ୍ର, ତଥା ଉପଦେଷ୍ଟା ମଣ୍ଡଳିର ସଭ୍ୟ ଘନଶ୍ୟାମ ଗିରି, ଚତୁର୍ଭୁଜ ଆଚାର୍ଯ୍ୟ, ଶ୍ରୀନିବାସ ବେଜ, ନିମାଇଁ ଚରଣ ଘୋଷ, ଗୌରହରି ଘୋଷ, ହିମାଂଶୁ ମିଶ୍ର, ପରେଶ ଦାସ, ଧର୍ମପଦ ଦାସ, ରଞ୍ଜିତ ନାଥ, ଗୋପାଳ ନାଥ, ଲକ୍ଷ୍ମୀନାରାୟଣ ଗାଙ୍ଗୁଲି, ମାନସ ଚନ୍ଦ୍ର, ଅଶୋକ ଚନ୍ଦ୍ର, ହରେନ୍ଦ୍ର କର, ବାମପଦ ଘଡେଇ, ବିଜୟ ବାରିକ, ବିଷ୍ଣୁପଦ ଘଡେଇ, କାଳିଚରଣ ସେଠୀ ତଥା ସମସ୍ତ ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି ।

ତାରକସି ମୁକୁଟ, ବନବାସୀ ବସ୍ତ୍ରରେ ଝଲସୁଛନ୍ତି ରାଣୀପାଟଣାର ମା' ଦୁର୍ଗା

ବାଲେଶ୍ୱର, ୧୮/୧୦ (ଆ.ପ୍ର) : କଟକର ପ୍ରସିଦ୍ଧ ତାରକସି ମୁକୁଟ ଓ ଭକ୍ତଙ୍କ ପକ୍ଷରୁ ପ୍ରଦତ୍ତ ବନବାସୀ ବସ୍ତ୍ରରେ ସଜ୍ଜିତ ହୋଇଛନ୍ତି ବାଲେଶ୍ୱର ସହରର ରାଣୀପାଟଣା ମା' ଦୁର୍ଗା । ଚଳିତ ବର୍ଷ ରାଣୀପାଟଣା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ୨୭ତମ ବର୍ଷରେ ପଦାର୍ପଣ କରିଥିବାବେଳେ ପୂଜା ପାଇଁ ୭.୫ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମା'ଙ୍କୁ କଟକର ସୁନାମଧନ୍ୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ତାରକସି ମୁକୁଟରେ ସଜ୍ଜିତ କରାଯାଇଛି । ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ବନବାସୀ ବସ୍ତ୍ର ମା'ଙ୍କ ଶୋଭାକୁ ଆହୁରି ଆକର୍ଷଣୀୟ କରିଛି । ବଙ୍ଗୀୟ କାରିଗରଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି, ଆକର୍ଷଣୀୟ ତୋରଣ ଓ ମନୋରମ ଆଲୋକସଜ୍ଜା ପୂଜାମଣ୍ଡପର ସ୍ୱତନ୍ତ୍ର ଆକର୍ଷଣ ପାଲଟିଛି । ପ୍ରତ୍ୟେକ ସନ୍ଧ୍ୟାରେ ଢାକି ବାଦ୍ୟର ଗମ୍ଭୀର ତାଳ ସହ ମା'ଙ୍କ ଆଳତି ଭକ୍ତିମୟ ପରିବେଶ ସୃଷ୍ଟି କରୁଛି । ସପ୍ତମୀ ସନ୍ଧ୍ୟାରେ ଶ୍ରୀଶ୍ରୀ ଚଣ୍ଡୀଙ୍କ ଉପରେ ଆଧାରିତ ଭକ୍ତିସଙ୍ଗୀତ ଓ ଗୀତିଆଲେଖ୍ୟ 'ମାତୃ ବନ୍ଦନା' ପରିବେଷଣ କରାଯିବ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂଜା ଉତ୍ସବର ଅନ୍ୟତମ ଆକର୍ଷଣ ହେବ । ପୂଜା ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତଙ୍କୁ ପ୍ରସାଦ ବଂଟନ କରାଯିବ । ନବମୀ ସନ୍ଧ୍ୟାରେ ଝୁଣା ନାଚ ଏବଂ ଦଶମୀ ସନ୍ଧ୍ୟାରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା ରହିଛି । ପୂଜା କମିଟିର ସଭାପତି ପ୍ରଫେସର ଶେଖ୍ ଗିୟାସୁଦ୍ଦିନ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ପାଣିଗ୍ରାହୀ, ସମ୍ପାଦକ ଜୟ ପ୍ରକାଶ ଦାସ, କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାହୁଙ୍କ ସମେତ ଦେବାଶିଷ ଚାଟାର୍ଜୀ, ପ୍ରଭାତ ମହାନ୍ତି, ଦୀପକ ସାହୁ, ପଙ୍କଜ ଅଗ୍ରୱାଲା ଓ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ପୂଜା ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

ସୃଜନ ଶୀଳ କାବ୍ୟରଚନା ଓ ପ୍ରତିଭା ବିକାଶ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ

ନୀଳଗିରି, ୧୮/୧୦ (ଆ.ପ୍ର) : ନୀଳଗିରିସ୍ଥିତ ଡିଭାଇନ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ, ଏକ ସୃଜନ ଶୀଳ କାବ୍ୟରଚନା ଓ ପ୍ରତିଭା ବିକାଶ ପ୍ରଶିକ୍ଷଣ କର୍ମଶାଳା, ବିଶିଷ୍ଟ ସାହିତ୍ୟିକା ତଥା ଅତିଥି କବୟିତ୍ରୀ ଶୁଭାସିନୀ ଜୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ପ୍ରତି ମାସ ଥରୁଟିଏ କରାଯିବାର ନିଷ୍ପତି ହୋଇଛି । ଭବିଷ୍ୟତ ସାହିତ୍ୟକୁ ସମୃଦ୍ଧି ଓ ବୁଦ୍ଧିମନ୍ତ କରିବା ପାଇଁ, ନୂତନ କବି ଓ ଗାଳ୍ପିକ ଚୟନ ଓ ପ୍ରସ୍ତୁତି କରାଯିବା ର ସଂକଳ୍ପ ନିଆ ଯାଇଛି । କବିତାର ସୃଜନ କିପରି ହୋଇ ପାରେ, ତାହାହିଁ ଉକ୍ତ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ପ୍ରଥମେ ମୁଖ୍ୟ ଅତିଥି ବିଶିଷ୍ଟ ଆଦର୍ଶ ଶିକ୍ଷକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଡିଭାଇନ ଟ୍ରଷ୍ଟ ତଥା ଡିଭାଇନ ଶିକ୍ଷାଆନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର କର୍ମଶାଳା ପରିଚାଳନା ଓ ସହଯୋଗ କରିବା ସହିତ ଶେଷରେ ଏଥିରେ ଅଂଶ ଗ୍ରହଣ କରି ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ପ୍ରଭାକର ସାହୁ ତଥା କବୟିତ୍ରୀ ଶୁଭାସିନୀ ଜୀ ସୁନ୍ଦର ଭାବରେ ଛାତ୍ର /ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ସାର୍ବଜନୀନ କରିବାକୁ ସର୍ବୋତମ ଚେଷ୍ଟା କରିଥିଲେ । ବହୁ ଛାତ୍ର/ ଛାତ୍ରୀ ସ୍ୱରଚିତ କବିତା ପାଠ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଆନନ୍ଦ ଅନୁଭବ କରି ଥିବା କୁହା ଯାଉଛି । ଅନୁଭୂତିରେ ଏହି କାର୍ଯ୍ୟକ୍ରମକୁ ଛାତ୍ର/ ଛାତ୍ରୀ ମାନେ ଭୂୟଂସୀ ପ୍ରଶଂସା କରି ଥିଲେ । ଏଥିରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ର/ଛାତ୍ରୀ ଭାଗ ନେଇଥିଲେ । ଏପରିକି ବହୁ ଅଭିଭାବକ ଓ ସାହିତ୍ୟ ପ୍ରେମୀ ଉକ୍ତ ଅଭିନବ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଛନ୍ତି । ଆମ ଭାଷା ଆମ ଅସ୍ମିତାରେ ନିଜର ପରିଚୟ ସୃଷ୍ଟି କରିବା ନିମନ୍ତେ ସମସ୍ତ ଅତିଥି ଓ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଧୁବାଦ ଜଣାଯାଇଛି ।

ଥାନାଛକରେ ବିଶାଳକାୟ ଶିବ ଲିଙ୍ଗ ତୋରଣ ସହିତ ଆକର୍ଷଣୀୟ ଦେବୀ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି

ଭୋଗରାଇ, ୧୮/୧୦ (ଆ.ପ୍ର) : ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳୀ ଥାନାଛକରେ ସାର୍ବଜନୀନ ଦୁର୍ଗାପୂଜା ୪୮ ବର୍ଷରେ ପଦାର୍ପଣ କରିଛି । ୧୯୭୯ ମସିହାରେ ଆରମ୍ଭ ହୋଇଥିବା ଏହି ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ଏକ ବିଶାଳ ଓ ଆକର୍ଷଣୀୟ ମଣ୍ଡପରେ ଦେବୀ ଦୁର୍ଗାଙ୍କ ସୁଉଚ୍ଚ ତଥା ଆକର୍ଷଣୀୟ ମୂର୍ତ୍ତି ଅପୂର୍ବ ଶୋଭା ବର୍ଦ୍ଧନ କରୁଛି । ଶୁକ୍ରବାର ଦୁର୍ଗା ଦେବୀଙ୍କ ଷଷ୍ଠୀ ବିହିତ ପୂଜା ତଥା ବୋଧନ, ଆମନ୍ତ୍ରଣ, ଅଧିବାସ ଅନୁଷ୍ଠିତ ହୋଇଥିଲା ବେଳେ ଶନିବାର ପୂର୍ବାହ୍ନରେ ଘଟୋତୋଳନ ସହିତ ଆଡମ୍ବରରେ ମା'ଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା । ସୋମବାର ମହାଷ୍ଟମୀ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ମଙ୍ଗଳବାର ନବମୀ ପୂଜା ସହିତ ବୁଧବାର ଦଶମୀ ପୂଜା ଅନୁଷ୍ଠିତ ହେବ । ସୁସଜ୍ଜିତ ଶିବଲିଙ୍ଗ ତୋରଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଛି । ତାହା ସହିତ ଆଲୋକ ସଜ୍ଜା ଦର୍ଶକ ମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପୂଜା କମିଟିର ସଭାପତି ତଥା ଭୋଗରାଇ ଥାନା ଆଇଆଇସି ଜ୍ଞାନରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ଡ.ବିମଳ କୁମାର ମହାନ୍ତି, ଉପ ସଭାପତି ସୁରେଶ ଚନ୍ଦ୍ର ଜେନା, ସୁକାନ୍ତ ଦାସ, ଗୌରହରି ମହାନ୍ତି, ସାଧାରଣ ସମ୍ପାଦକ ସୁମିତ କୁମାର ଦାସ, ଯୁଗ୍ମ ସମ୍ପାଦକ ନୟନ କୁମାର ବେଜ, ସନ୍ତୋଷ ଦାସ, ପ୍ରଦୀପ ଦାସ, ସହ ସମ୍ପାଦକ ମନ୍ମଥ ପାତ୍ର, ଲକ୍ଷ୍ମଣ ଚନ୍ଦ୍ର ଦାସ, ଶ୍ରୀହରି ଦାସ, କୋଷାଧ୍ୟକ୍ଷ ରାଧାକୃଷ୍ଣ ରାଉତ, ଅଶୋକ ପ୍ରମାଣିକ, ଦୀପକ କୁମାର ଗାଲ୍ଲୁ, କଳ୍ପତରୁ ମଣ୍ଡଳ, ଲକ୍ଷ୍ମୀକାନ୍ତ ଚକ୍ରବର୍ତ୍ତୀ, ଶୈଳେଶ ଦାସ, ବିଜୟ କୁମାର ପାତ୍ର, ସନାତନ ଦାସ, ହରିହର ଦାସଙ୍କ ସମେତ ସମସ୍ତ ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ଓ ପରିଚାଳନା ହେଉଛି ।

ଶାରଦୀୟ ଅଭିନନ୍ଦନ

ରଂଜନ କୁମାର ମିଶ୍ର
(ପ୍ରଧାନଶିକ୍ଷକ)
ଜୟପ୍ରକାଶ ଶିକ୍ଷାନିକେତନ, ରାମଚନ୍ଦ୍ରପୁର
ତଥା ବ୍ଲକ ସଂପାଦକ, ଓଷ୍ଟା, ରଘୁନାଥପୁର

ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ବିଜୟା ଦଶମୀ ଅବସରରେ ଅଁଳାଭଙ୍ଗା ଗ୍ରାମ ପଂଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଅନ୍ତରର ଗଭୀରତମ ପ୍ରଦେଶରୁ ଜଣାଉଛି ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ମାଆ ଦୁର୍ଗାଙ୍କ ଅପାର କରୁଣା ଓ ଆଶୀର୍ବାଦରେ ସମସ୍ତଙ୍କ ଜୀବନରୁ ଦୁଃଖ, ଦୁର୍ଦ୍ଦଶା ଓ ଅଶାନ୍ତି ଦୂର ହେଉ । ପ୍ରତ୍ୟେକ ଘରେ ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ଓ ସମୃଦ୍ଧି ବିରାଜମାନ କରୁ । ଅନ୍ୟାୟ ଉପରେ ନ୍ୟାୟର, ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ବିଜୟ ହେଉ । ଏହି ପବିତ୍ର ପର୍ବ ଆମ ସମସ୍ତଙ୍କ ମଧ୍ୟରେ ଏକତା, ଭାଇଚାରା, ସ୍ନେହ ଓ ସଦ୍‌ଭାବନାକୁ ଆହୁରି ସୁଦୃଢ଼ କରୁ । ମାଆ ଦୁର୍ଗା ସମସ୍ତଙ୍କ ମନୋବାଞ୍ଛା ପୂରଣ କରନ୍ତୁ ଏବଂ ସମସ୍ତଙ୍କ ଜୀବନକୁ ଆନନ୍ଦମୟ କରନ୍ତୁ ।

ଶ୍ରୀମତୀ ଭଗବତୀ ନାଏକ
ସରପଂଚ, ଅଁଳାଭଙ୍ଗା ଗ୍ରାମ ପଂଚାୟତ

ପବିତ୍ର ଦୁର୍ଗାପୂଜା ଅବସରରେ ଗୁଣପୁର ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ପବିତ୍ର ଅବସରରେ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଗୁଣପୁର ସହରର ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି ଓ ଆନନ୍ଦ ଭରିଯାଉ ବୋଲି ସେ କାମନା କରିଛନ୍ତି । ଏଥିସହ ସହରରେ ଭାଇଚାରା, ଏକତା ଓ ସାମାଜିକ ସଦ୍‌ଭାବନା ବଜାୟ ରହିବା ସହ ଗୁଣପୁରର ପ୍ରଗତି ଓ ବିକାଶର ଧାରା ଆହୁରି ଆଗକୁ ବଢୁ ବୋଲି ସେ ଶୁଭକାମନା ଜଣାଇଛନ୍ତି । ଦୁର୍ଗାପୂଜା ଅନ୍ୟାୟ ଉପରେ ନ୍ୟାୟର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ଏହି ପର୍ବ ଗୁଣପୁରବାସୀଙ୍କ ମଧ୍ୟରେ ପ୍ରେମ, ଭାଇଚାରା ଓ ସହଯୋଗର ଭାବନାକୁ ଆହୁରି ସୁଦୃଢ଼ କରୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଗୁଣପୁରବାସୀ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ସହ ଦୁର୍ଗାପୂଜା ପାଳନ କରନ୍ତୁ ।

ପୂର୍ଣ୍ଣଚନ୍ଦ୍ର ବାଉରୀ
(ନଗର ସଭାପତି), ଗୁଣପୁର

ନଦୀପଠାରେ ନାବାଳକକୁ ନିର୍ମମ ହତ୍ୟା

କଟକ, ୧୮/୧୦ (ଆ.ପ୍ର) : କାଳିଯାତ୍ରା ତଳ ପଡ଼ିଆ ନଦୀପଠାରେ ନିର୍ମମ ହତ୍ୟାକାଣ୍ଡ । ନାବାଳକକୁ ଛୁରାମାଡ଼ କରି ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ । ନଦୀପଠାକୁ ଡାକିନେଇ ସଂଘବଦ୍ଧ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ନଦୀପଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଫରେନସିକ ଟିମ୍ ପହଂଚି ଛାନଭିନ୍ ଚଳାଇଛି । କଟକ ସ୍ପେଶାଲ ସ୍କ୍ୱାଡ୍ ଏସିପି ଏବଂ କ୍ୟାଂଟନମେଂଟ ଥାନା ଆଇଆଇସି ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଛନ୍ତି । ତେବେ ହତ୍ୟାର ଶିକାର ନାବାଳକଙ୍କର ଏପର୍ଯ୍ୟନ୍ତ ପରିଚୟ ପାଇବାରେ ପୁଲିସ ବିଫଳ ହୋଇଛି । କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ରଖି ନାବାଳକକୁ ହତ୍ୟା କଲେ ? ନଦୀ ପଠାକୁ ଡ଼ାକି ନେଇ ହତ୍ୟା କରିବା ପଛରେ ରହସ୍ୟ କ'ଣ ? ତାର ରହସ୍ୟ କାଢିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି । ରକ୍ତ ଛିଟାରୁ ଜଣାପଡିଛି ଯେ, ହତ୍ୟାକାଣ୍ଡ ଆଜି ସକାଳୁ କରାଯାଇଛି ।

ସେଇଥିରୁ ଆରମ୍ଭ
SEITHO ARAMBHA
ସୋମବାର, ୧୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଶିକ୍ଷା ଓ ଶିକ୍ଷିତ

ସଂକୁଚିତ ମନୋଭାବ, ଦୁର୍ବଳ ଇଚ୍ଛାଶକ୍ତି ବିଗତ ହେତୁ ପ୍ରଚଳିତ ପ୍ରଥା ସହିତ ନିଜକୁ ସମାନ୍ତରାଳ କରି ଯେକୌଣସି ମତେ ଜୀବନ ଅତିବାହିତ କରିବା ଲକ୍ଷ ରଖିଥିବା ମଣିଷ ସମସ୍ତେ । ବ୍ୟବସ୍ଥାପିତ ଶିକ୍ଷଣୀୟ ବିଷୟ ମଧ୍ୟରୁ ନିଜକୁ ସୁହାଇଲା ଭଳି ନିର୍ବାଚିତ ବିଷୟ ଉପରେ ଆଧାରିତ ଶିକ୍ଷା ଅର୍ଜନ କରି ସାମାଜିକ ମାନ୍ୟତା ସହିତ ରୋଜଗାର ପନ୍ଥା ଅନ୍ୱେଷଣ ତଥା ସେଇଥିରେ ନିଜ ଜୀବନକୁ ସାର୍ଥକ କରିବା ଲକ୍ଷ ରହିଥାଏ ସମସ୍ତଙ୍କର। ଶିକ୍ଷା ଅର୍ଜନ କରି ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରିବା ଭଳି ବିଗତ ଧାରା ଦେଖିବା ବିରଳ ଆଜି ସମୟର ବ୍ୟବସାୟୀକ ଶିକ୍ଷା ପଦ୍ଧତିରେ। ତଥାପି ସେହି ବ୍ୟବସାୟୀଙ୍କ ଶିକ୍ଷା ପଦ୍ଧତିକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣୀୟତା ଦେଖିବାକୁ ମିଳୁଛି ଯାହାର ରୁଚି ଏକ ଭିନ୍ନ ଦିଗରେ ହୋଇଥାଏ। ଶିକ୍ଷାକୁ ପରିପାର୍ଶ୍ୱିକ ଜ୍ଞାନର ଉତ୍ସ ଭାବେ ବ୍ୟବହାର କରି ରୋଜଗାରକୁ ଭିନ୍ନ ଦିଗରେ ପରିଚାଳିତ କରିବା ପ୍ରକୃତ ମାନବିକ ଧର୍ମ ଯାହା ଭାରତୀୟ ଶିକ୍ଷା ନୀତି, ସଂସ୍କାର ଶିଖାଇଥାଏ । ବର୍ତ୍ତମାନ କିନ୍ତୁ ଆଉ ସେସବୁ କାହାକୁ ଭଲ ଲାଗିବ ନାହିଁ, କାରଣ ସାମାଜିକ ପରିସ୍ଥିତି, ପରିବେଶ କେବଳ ପାଶ୍ଚାତ୍ୟ ଭାବଧାରାରେ ପ୍ରଚଳିତ ଦେଖିବାକୁ ମିଳୁଛି ଆମ ଦେଶରେ । ଆମ ଦେଶ ଶାସନ , ପ୍ରଶାସନରେ ନିଯୁକ୍ତ ଶିକ୍ଷିତଙ୍କ ମଧ୍ୟରୁ କେତେଜଣ ଜ୍ଞାନୀ, ମାନବିକ ଚେତନାଶୀଳ ମଣିଷ ରହିଛନ୍ତି ସେସବୁ ସମସ୍ତଙ୍କୁ ଜଣା। ଭାରତୀୟ ସଂସ୍କାର ରହିତ ସେହି ଅମାନବୀୟ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ସଂଭୂଷିତ ଅଜ୍ଞାନ ଶିକ୍ଷିତଙ୍କ ଅମାନୁଷିକ, ଅସାମାଜିକ କାର୍ଯ୍ୟଧାରା ଏବଂ ଅହଂଭାବ ହେତୁ ଆମ ଦେଶରେ ଘଟୁଥିବା ଅସାମାଜିକ, ଭ୍ରଷ୍ଟାଚାର ଜନିତ ରାଷ୍ଟ୍ରୀୟ ଦୁର୍ଗତି ବିଷୟ ପ୍ରାୟତଃ ଅନେକ ଲୋକଙ୍କୁ ବୁଝା ପଡୁଛି । କିନ୍ତୁ ପରିବେଶ, ପରିସ୍ଥିତି କାରଣରୁ କୌଣସି ପରିବର୍ତ୍ତିତ ନୂତନ ସଂସ୍କାର ମୂଳକ ପଦକ୍ଷେପ ନେବା ସମ୍ଭବ ହେଉନାହିଁ । ରାଜତନ୍ତ୍ରର କଠୋରତା ମଧ୍ୟରେ ଗଣତନ୍ତ୍ରର ସମ୍ଭାଷଣ ଆମକୁ ଏକ କୌତୁହଳ ପୂର୍ଣ୍ଣ ସମାଜରେ ଅବସ୍ଥାପିତ କରିଛି ଏମିତି, ଯେ ତାହାର ପ୍ରତିକାର କରାଯିବା ବାଟ ମିଳୁନାହିଁ କାହାକୁ !! କେବଳ ଶିକ୍ଷାକୁ ସଂକୁଚିତ କରି ଅଜ୍ଞାନ ମଣିଷ ଗୁଡିକ ସୃଷ୍ଟି ହେବା ଫଳରେ ଦେଶର ପରିସ୍ଥିତି ଏମିତି ହେବାରେ ଲାଗିଛି ଯାହା ପାଶ୍ଚାତ୍ୟ ବ୍ୟପାରୀଙ୍କ ସାଙ୍ଘାତିକ ଷଡ଼ଯନ୍ତ୍ର ଛଡା ଆଉ କିଛି ନୁହେଁ ଯାହା କାହାକୁ ଉଦାନ୍ତର୍ଭୁକ୍ତ ହେବା ପରିବର୍ତ୍ତେ ଯଥେଷ୍ଟ ଆନନ୍ଦ ଦେଇ ରଖିଥିବା ଅତ୍ୟନ୍ତ ଦୁଃଖଦ, ମର୍ମନ୍ତୁଦ ବିଷୟ ଆଜି ସମୟର ଦେଖିବାକୁ ମିଳୁଛି ଆମ ଦେଶରେ। ସମ୍ପୂର୍ଣ୍ଣ କ୍ରୀତଦାସ ଶିକ୍ଷା ନୀତିକୁ ପରିବର୍ତ୍ତନ କରି ଭାରତୀୟ ମନୋଭାବ ସୃଷ୍ଟି କରାଗଲେ ସାଧାରଣ ମଣିଷ ଜୀବନ ଅତ୍ୟନ୍ତ ସୁଖମୟ ହୋଇ ପାରିବ ଯାହା ଶିକ୍ଷିତ ଦାସତ୍ୱ ପ୍ରଥା ଠାରୁ ଯଥେଷ୍ଟ ଉନ୍ନତ । ବ୍ୟପାରୀ କିନ୍ତୁ ଶିକ୍ଷାକୁ ବ୍ୟବସାୟ ମାଧ୍ୟମରେ ପ୍ରଚଳିତ କରି ପୁନଃ ଶିକ୍ଷା ଅର୍ଜନ ପରେ ସେମାନଙ୍କୁ ନିଶ୍ଚିତ ରୋଜଗାର ଯୋଗାଇ ଦେବା ପ୍ରତିଶ୍ରୁତିବଦ୍ଧତା ମଧ୍ୟରେ ଜନ ମାନସକୁ ଏମିତି ଅସନ୍ତୁଳିତ କରି ରଖିଛନ୍ତି ।

ମୋ ଦୃଷ୍ଟିରେ ଦଶହରା

।। ଅନୀତା ପଟ୍ଟନାୟକ ।।

ହେ ମା ! ମତେ କ୍ଷମା ଦିଅ । ସଂସାରରେ ଜନ୍ମ ପରେ ମୁଁ ତୁମ ପରି ସୃଷ୍ଟିକର୍ତ୍ତ୍ରୀଙ୍କୁ ପାଶୋରି ଯାଇଛି । ସଂସାରର ଖେଳନାରେ ମୁଁ ବିମୋହିତ ହୋଇ ତୁମକୁ ଶରୀର ମଧ୍ୟରେ ଦୁଇପାଦ ଦ୍ୱାରା ବହନ କରୁଥିଲେ ମଧ୍ୟ ଆତ୍ମତତ୍ୱ ଓ ବ୍ରହ୍ମତତ୍ୱକୁ ଭୁଲି ଯାଇଛି । ହେ ମା ! 'ଯା ଦେବୀ ସର୍ବ ଭୂତେଷୁ' ବିଶ୍ୱ ସଂହାରିଣୀ, ଧର୍ମ ସଂରକ୍ଷଣୀ ମତେ ତୁ ଆସିଛୁ ବଞ୍ଚାଇ ଦେବାକୁ ନଦୀ ନାମ ସାଗର ଗତିଃ ସାଗରର ରୂପକ ସୃଷ୍ଟିକର୍ତ୍ତ୍ରୀଙ୍କ ମଧ୍ୟରେ ମୁଁ ଲୀନ ହେବାକୁ ଯାଉଛି ।

ହେ ମା ! ତୁମର ନାମ ମୁଁ ଜପ କରିବି । ଉଚ୍ଚସ୍ୱରରେ ପ୍ରାର୍ଥନା କରିବି ହେ ମହାମାୟା, ମହାବିଦ୍ୟା, କାଳରାତ୍ରୀ, ମହାରାତ୍ରୀ, ବିମଳା, ସ୍ୱାହା ସ୍ୱଧା, ସାବିତ୍ରୀ, ମହାମେଧା, ବ୍ରାହ୍ମଣୀ, ମାହେଶ୍ୱରୀ, କୌମାରୀ, ଚଣ୍ଡୀ, ବୈଷ୍ଣବୀ ବରାହୀ, ଇନ୍ଦ୍ରାଣୀ, ଚାମୁଣ୍ଡା, ଭଦ୍ରକାଳୀ, ବେତାଳୀ, ନାରାୟଣୀ, ଭୈରବୀ, ତାରା, ଷୋଡ଼ଷୀ ଶାକମ୍ଭରୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, ମହାଶକ୍ତି ମତେ ଦିବ୍ୟକର୍ମରେ ବ୍ରତୀକରି ଦୈବୀକୃପା ପ୍ରଦାନ କରନ୍ତୁ । ହେ ମା! ଦଶହରା ପର୍ବ କୌଣସି ଐତିହାସିକ ଘଟଣା ହୋଇ ସ୍ମୃତି ଚାରଣ ନ ହେଉ । ଏହା ମୋ ମଧ୍ୟରେ ଦିବ୍ୟତ୍ୱ ଜାଗ୍ରତ କରୁ ଓ ଗଭୀର ଆଭ୍ୟନ୍ତରୀଣ ପ୍ରକ୍ରିୟା ସୃଷ୍ଟି କରୁ । ଦର୍ଶନେ ପାପନାଶନ । ମା ତୁମର ପୂଜା କରିବି । ମୋର ପ୍ରାରବ୍ଧ ଖଣ୍ଡନ କର । ପୁଣ୍ୟ ଅର୍ଜନ କରିବାର ଶକ୍ତି ଦିଅ ଓ ସଂସାର ସାଗରରୁ ପାର କରିଦିଅ ଏହା ମୋ ଜୀବନର ଅନ୍ତିମ ଲକ୍ଷ୍ୟ ହେଉ । ମା, ଦଶହରା ଶବ୍ଦକୁ ତୁମେ ମତେ ଏହିପରି ବୁଝାଇଛ ଯଥା ଦଶମ (ଦଶ) ଏବଂ ହର (ବିନାଶ) କରିବା । ମୋର ପଂଚ ଜ୍ଞାନେନ୍ଦ୍ରିୟ ଓ ପଂଚ କର୍ମେନ୍ଦ୍ରିୟ କିମ୍ୱା କାମ, କ୍ରୋଧ, ଅହଂକାର ଭଳି ମୋ ଭିତରେ ଥିବା ଦଶଟି ଖରାପ ଗୁଣକୁ ବି ନାଶ କର ।

ହେ ମା ! ମୋର ତାମସିକ ଗୁଣ ଗୁଡ଼ିକୁ ଦିବ୍ୟପ୍ରେମରେ ରୂପାନ୍ତରୀତ କରି ଦିଅ । ଦଶହରା ପୂର୍ବରୁ ନବରାତ୍ରୀରେ ତିନୋଟି ରୂପରେ ତୁମକୁ ପୂଜା କରାଯାଏ । ଯଥା ମହାକାଳୀ (ପ୍ରଥମ ତିନିଦିନ) ତାମସିକ ଗୁଣ ପରିତ୍ୟାଗ ନିମନ୍ତେ, କ୍ରୀୟାଶକ୍ତି କାର୍ଯ୍ୟକ୍ଷମତାକୁ ବଢ଼ାଇବା ନିମନ୍ତେ, କୁ ପ୍ରବୃତି ନଷ୍ଟ କରି ଆମର କର୍ମକୁ ପବିତ୍ର କରିବାରେ ଆପଣ ସହାୟକ ହୁଅନ୍ତୁ । ମା'ଲକ୍ଷ୍ମୀ ରୂପେ ଚତୁର୍ଥରୁ ଷଷ୍ଠ ଦିନ ରୂପେ ମୋର ରାଜସିକ ଗୁଣକୁ ହରଣ କରନ୍ତୁ । ଇଚ୍ଛା ଶକ୍ତିକୁ ଜାଗ୍ରତ କରନ୍ତୁ ଓ ହୃଦୟରେ ପବିତ୍ର ଚିନ୍ତାଧାରା ସୃଷ୍ଟି କରି ମୋ ଭିତରେ ଆଭ୍ୟନ୍ତରୀଣ ସକାରାତ୍ମକ ସମ୍ପଦ ଭରି ଦିଅନ୍ତୁ । ମା'ସରସ୍ୱତୀ ରୂପେ ସପ୍ତମୀରୁ ନବମୀ ମୋର ସାତ୍ୱିକ ଗୁଣ, ଜ୍ଞାନଶକ୍ତି (ବିବେକ, ଜ୍ଞାନ) ବର୍ଦ୍ଧାଇ ଦିଅ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କର । ମତେ ତୁମେ ଏହି ରୂପରେ ପ୍ରକୃତ ଭକ୍ତି ଓ ତ୍ରୀକରଣ ଶୁଦ୍ଧି (ମନ, ବଚନ, କର୍ମ) ସମ୍ପର୍କରେ ବୁଝାଇ ଦେଉଥାଅ । ହେ ମା ! ମୋର ପଶୁ ପ୍ରବୃତିକୁ ବିନାଶ କର । ଉଚ୍ଚ ଚେତନାକୁ ନେଇ ଯାଅ । ଦଶହରା ଅନ୍ଧକାର ଶକ୍ତି ଉପରେ ପରାଶକ୍ତିର ବିଜୟକୁ ସୂଚୀତ କରେ । ମୋ ଭିତରେ ଯାନ୍ତ୍ରିକ ବା ବାହ୍ୟ ପୂଜାବିଧି ପରିବର୍ତ୍ତେ ମୋର ପଶୁ ପ୍ରବୃତିକୁ ହରଣ କର । ମାନବୀୟ ମୂଲ୍ୟବୋଧ ଓ ଦିବ୍ୟତ୍ୱରେ ମତେ ରୂପାନ୍ତରୀତ କର । ମୋର ଆଭ୍ୟନ୍ତରୀଣ ସାଧନାରେ ମା ତୁମେ ସହାୟକ ହୁଏ ।

ନଅ ଦିନ ଧରି ମୁଁ ଯଜ୍ଞ କରିଛି । ତୁମକୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ ରୂପେ ପୂଜା କରିଛି । ମତେ ଆପଣ ସର୍ବସିଦ୍ଧି ପ୍ରାପ୍ତିର ଅଠରଟି ଗୁଣକୁ ଦାନ କରିଛନ୍ତି । ଯଥା ଅଣିମା, ଲଘିମା, ପ୍ରାପ୍ତି, ପ୍ରାଣମ୍ୟ, ମହିମା, ଇଶିତ୍ୱବସିତ, ସର୍ବସମ ବସାୟିତ, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟା ପ୍ରବେଶ, ବାକ ସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାର କରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା ସିଦ୍ଧି, ସର୍ବ ସିଦ୍ଧି ପ୍ରାପ୍ତ ହେବାର ଲକ୍ଷଣ ।

ମା ତୁମେ ହସାଅ ତୁମେ କନ୍ଦାଅ, ତୁମେ ପରମାତ୍ମା ମୁଁ ଏକ କ୍ଷୁଦ୍ର ଜୀବ । ତୁମେ ବିଶାଳ ସାଗର । ମୁଁ ଏକ କ୍ଷୁଦ୍ର ନଦୀ ତୁମେ ଆଲୋକ ମୁଁ ତୁମର ଛାୟା, ତୁମେ ସତ୍ୟ ମୁଁ ସତ୍ୟର ପ୍ରକାଶ ମାତ୍ର । ତୁମେ ନିତ୍ୟ ମୁଁ ଅନିତ୍ୟ, ତୁମେ ମାଲିକ ମୁଁ ଭୃତ୍ୟ ତୁମେ ମାତା ମୁଁ ପୁତ୍ରୀ । ବିଜୟା ଦଶମୀରେ ଏହା ତୁମର ବାର୍ତ୍ତା ନୁହେଁ କି ? ଆଜି ପରା ଦିନରେ ଶିରିଡ଼ି ସାଇବାବା ମହାସମାଧି ନେଇ ନଥିଲେ କି ? ମତେ ବି ସେହିପରି ମୁକ୍ତି ପ୍ରଦାନ କର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, କେଡିଏ-୧୦, କଟକ
ଦୂରଭାଷ : ୯୬୯୨୯୮୦୦୨୬

ମାତୃଶକ୍ତିର ଉପାସନା

।। ସୌର ଚନ୍ଦ୍ର ମହାପାତ୍ର ।।

'ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା । ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ । ।' ଯେଉଁ ଦେବୀ ମାତା ରୂପରେ ସବୁ ଜୀବ ମଧ୍ୟରେ ବିଦ୍ୟମାନ ତାଙ୍କୁ ଆମର କୋଟି କୋଟି ପ୍ରଣାମ । ଆମେମାନେ ନିଜର ଶାନ୍ତି, ଆନନ୍ଦ, ସାମାଜିକ, ଭାଇଚାରା, ବିଶ୍ୱ ଭ୍ରାତୃତ୍ୱ ବୋଧ ପ୍ରତିଷ୍ଠା ନିମିତ ତିଥି ବାରକୁ ନେଇ ପାଳନ କରିଥାଉ ଅନେକ ପର୍ବପର୍ବାଣୀ । ସେହିପରି ପବିତ୍ର ନବରାତ୍ରି ବା ଦଶହରା ଅବସରରେ ମାତୃଶକ୍ତିଙ୍କୁ ତିନୋଟି ରୂପରେ ଉପାସନା କରାଯାଏ - ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ । ଦୁର୍ଗା ସମସ୍ତ ଦୁର୍ଗତି ନାଶ କରନ୍ତି, ଲକ୍ଷ୍ମୀ ସୁଖସମୃଦ୍ଧିରେ ଭରି ଦିଅନ୍ତି ଏବଂ ସରସ୍ୱତୀ ସର୍ବୋଚ୍ଚ ଆତ୍ମଜ୍ଞାନ ପ୍ରଦାନ କରନ୍ତି । ବିବର୍ତ୍ତନ ପ୍ରକ୍ରିୟା ହେଉଛି ପଶୁସ୍ତରରୁ ମାନବ ସ୍ତରକୁ ଉତଥିତ ହୋଇ ଶେଷରେ ମାଧବସ୍ତରକୁ ଉନ୍ନୀତ ହେବା । ଆଉ ଏହି ତିନି ଦେବୀଙ୍କର ଉପାସନା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ । ନବରାତ୍ରୀ ଅବସରରେ ପୂଜା ପାଉଥିବା ନଅ ଦେବୀ ନବ ଦୁର୍ଗା ଭାବେ ଖ୍ୟାତ । ଏହି ମହାନ ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ତେବେ ଉପାସନା ଭିତରେ ସର୍ବପ୍ରଥମେ ଆମ ମାନଙ୍କ ଠାରେ ଥିବା ପଶୁପ୍ରବୃତିର ବିନାଶ ଆବଶ୍ୟକ, ଯାହା ମାତା ଦୁର୍ଗାଙ୍କ କୃପାରୁ ସମ୍ଭବ ହୋଇଥାଏ । ସେ ମହିଷମର୍ଦ୍ଦିନୀ ଭାବରେ ବିଦିତ ଏବଂ ମହିଷାସୁର ହେଉଛି ପଶୁ ପ୍ରବୃତିର ପ୍ରତୀକ, ଯାହା ଉପରେ ବିଜୟ ହିଁ ବିଜୟା ଦଶମୀ ଭାବରେ ପାଳିତ ହୋଇଥାଏ ।

ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - 'ନିଜକୁ ମନୁଷ୍ୟ ବୋଲି କହିବା ହେଉଛି ଅର୍ଦ୍ଧସତ୍ୟ । ନିଜକୁ ସର୍ବଦା ସ୍ମରଣ କରାଇ ଦିଅ - 'ମୁଁ ପଶୁ ନୁହେଁ, ମୁଁ ମନୁଷ୍ୟ ।' ସେଥିପାଇଁ ତୁମର ସବୁ ଚିନ୍ତା, ବଚନ ଓ କର୍ମ ମନୁଷ୍ୟୋଚିତ ହେବା ଉଚିତ । ଆଉ ମନୁଷ୍ୟୋଚିତ ସମସ୍ତ ଗୁଣ ପ୍ରଦାନ କରନ୍ତି ମାତା ଲକ୍ଷ୍ମୀ । ସେ ଧନ, ଯଶ, ଶ୍ରୀ, ଐଶ୍ୱର୍ଯ୍ୟ ପ୍ରଦାନକାରୀ ଦେବୀ ।' ଏସବୁ କେବଳ ତାଙ୍କୁ ମିଳିଥାଏ ଯେ ସମସ୍ତ ପଶୁପ୍ରବୃତି ତ୍ୟାଗ କରି ମାନବତ୍ୱର ବିକାଶ କରିଥାଏ, ଅନ୍ୟଥା ତାକୁ ଲୋକମୁଖରେ ଲକ୍ଷ୍ମୀଛଡ଼ା ବୋଲି କୁହାଯାଏ । ଲକ୍ଷ୍ମୀ ମନୁଷ୍ୟକୁ ଯଉଁ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି ତାହା ପାର୍ଥିବ ସୁଖ ଓ ସନ୍ତୋଷ ନୁହେଁ, ମାତ୍ର ସତଚିନ୍ତା, ସଦବଚନ, ସତକର୍ମ ଓ ସଦଗୁଣ, ଯାହା ସ୍ୱତଃ ସ୍ଫୂର୍ତ୍ତ ଭାବରେ ଲୌକିକ ସୁଖ-ଶାନ୍ତି ମଧ୍ୟ ଆନୟନ କରିଥାଏ ।

ସେହିପରି ବିଦ୍ୟା ଓ ଜ୍ଞାନର ଦେବୀ ସରସ୍ୱତୀ । ବିଦ୍ୟା, ଜ୍ଞାନ ଏକ ସାଧାରଣ ସୂଚନା ବା ତଥ୍ୟ ନୁହେଁ ଏହା ହେଉଛି ପରମ ଆତ୍ମଜ୍ଞାନ ଯାହା ମାତା ସରସ୍ୱତୀଙ୍କ ଦ୍ୱାରା ସୃଷ୍ଟି । ଆମେମାନେ ଏହି ଜ୍ଞାନ ପ୍ରାପ୍ତ ହୋଇଥାଉ 'ସୋହମ୍', 'ଅହଂ ବ୍ରହ୍ମାସ୍ମି', ଅର୍ଥାତ୍ ମୁଁ ହିଁ ଭଗବାନ ସ୍ଥିତିରେ ଉପନୀତ ହୋଇ । ଦଶହରାର ମୁଖ୍ୟ ଅଭିପ୍ରାୟ ହେଉଛି ମା'ଦେବୀ ଦୁର୍ଗାଙ୍କ ଅଭୟ ଆଶୀର୍ବାଦ ଓ କୃପାରୁ କେବଳ ଆମ ମାନଙ୍କ ଭିତରେ ଥିବା ପଶୁ ପ୍ରବୃତିର ବିନାଶ ନୁହେଁ ବରଂ ମା'ଲକ୍ଷ୍ମୀଙ୍କ କୃପାରୁ ମାନବତ୍ୱର ପ୍ରାପ୍ତି ହେବା । ସନାତନ ମହିମା ଓ ଶାକ୍ତ ପରମ୍ପରାରେ ଦେବୀ ମହାମାୟାଙ୍କ ଆରାଧନା ସମୟରେ ଶରତ ଆକାଶରେ ଭାସୁଥିବା ଶୁଭ୍ର ମେଘ, ଚତୁର୍ଦ୍ଦିଗରେ ଯେଉଁପରି ଶାନ୍ତ, କୋମଳ ଓ ଆନନ୍ଦମୟ ପରିବେଶଟି ଦେଖୁଛୁ ଅନୁଭବ ହେଉଛି ସତେ ଯେପରି ମାଆଙ୍କ ଭବ୍ୟ ସ୍ୱାଗତ ଉଦ୍ଦେଶ୍ୟରେ ଧରଣୀମାତା ନିଜର ସାଜ ଶୃଙ୍ଗାର କରିଛି । ମା'ଦୁର୍ଗାଙ୍କ ଦଶହାତରେ ଅସୁର ଶକ୍ତିର ବିନାଶ ଭଳି ଆମ ସମାଜରୁ ବି ସମସ୍ତ ଅନ୍ୟାୟ, ଅତ୍ୟାଚାର, କୁପ୍ରଥା ଦୂରୀଭୂତ ହେଉ । ଘରେ ଘରେ ପହଂଚୁ ଉତ୍ସବର ଆନନ୍ଦ ମାଆଙ୍କ କୃପା ଆଗମନ ହେଉ ସକଳ ଅପଶକ୍ତି ବିନାଶର ପ୍ରତୀକ । ସହସ୍ର ମାତାଙ୍କ ସ୍ୱରୂପ ଭଗବାନ ଶ୍ରୀ ସତ୍ୟସାଇ ବାବା ପବିତ୍ର ବିଜୟା ଦଶମୀରେ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ କରନ୍ତୁ । ସମାଜର ସବୁ ସ୍ତରର, ବର୍ଗର, ସମସ୍ତେ ମାଆଙ୍କ ଆଗମନର ଦିବ୍ୟ ଆନନ୍ଦରେ ନିଜକୁ ନିମଜ୍ଜିତ କରନ୍ତୁ ଏହା ହିଁ ପ୍ରାର୍ଥନା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬

ବିଜୟର ପର୍ବ : ବିଜୟା ଦଶମୀ

।। ମିଲନ କୁମାର ମିଶ୍ର (ଭରଦ୍ୱାଜ) ।।

ମଣିଷ ଯେତେବେଳେ ଅନ୍ଧକାର ଭିତରୁ ଆଲୋକକୁ ଖୋଜେ, ପରାଜୟ ଭିତରୁ ବିଜୟର ସ୍ୱପ୍ନ ଦେଖେ ଏବଂ ଅନ୍ୟାୟ ସାମ୍ନାରେ ନ୍ୟାୟ ପକ୍ଷରେ ଦଣ୍ଡାୟମାନ ହୁଏ, ସେତେବେଳେ ଆରମ୍ଭ ହୁଏ 'ବିଜୟ ଉତ୍ସବ' । ବିଜୟ କେବଳ ଯୁଦ୍ଧରେ ଶତ୍ରୁକୁ ପରାସ୍ତ କରିବା ନୁହେଁ; ବିଜୟ ହେଉଛି ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର, ଅହଂକାର ଉପରେ ବିନୟର ଏବଂ ଅନ୍ଧକାର ଉପରେ ଆଲୋକର ଅନ୍ତିମ ପ୍ରତିଷ୍ଠା । ଏହି ଚିରନ୍ତନ ବିଜୟର ଉତ୍ସବ ହେଉଛି ବିଜୟା ଦଶମୀ । ହିନ୍ଦୁ ପଞ୍ଜିକାର ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ପାଳିତ ବିଜୟା ଦଶମୀ ନବରାତ୍ରି ଓ ଦୁର୍ଗାପୂଜାର ଏକ ମହତ୍ତ୍ୱପୂର୍ଣ୍ଣ ସମାପନ ଦିବସ । 'ବିଜୟା' ଅର୍ଥ ବିଜୟ ଏବଂ 'ଦଶମୀ' ଅର୍ଥ ଦଶମ ତିଥି, ଅର୍ଥାତ୍ ? ବିଜୟର ଦଶମ ଦିନ । ଭାରତର ବିଭିନ୍ନ ଅଂଚଳରେ ଏହି ଦିନକୁ ନେଇ ଭିନ୍ନ ଭିନ୍ନ ପରମ୍ପରା ଓ ଆଖ୍ୟାନ ରହିଛି । କେଉଁଠି ଏହା ରାମଙ୍କ ଦ୍ୱାରା ରାବଣ ବଧର ସ୍ମୃତି, କେଉଁଠି ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟର ଉତ୍ସବ । କିନ୍ତୁ ଏହି ସମସ୍ତ ଆଖ୍ୟାନର ଅନ୍ତର୍ନିହିତ ସତ୍ୟ ଗୋଟିଏ—ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ଏବଂ ଅସୁରତ୍ୱ ଉପରେ ମାନବିକତାର ବିଜୟ ।

ରାମାୟଣର ଆଖ୍ୟାନରେ ଲଙ୍କାଧିପତି ରାବଣଙ୍କ ଅନ୍ୟାୟ ଓ ଅହଂକାର ବିରୋଧରେ ଶ୍ରୀରାମଙ୍କ ସଂଘର୍ଷ ଶେଷରେ ବିଜୟରେ ପରିଣତ ହୋଇଥିଲା । ଏହି ବିଜୟକୁ ସ୍ମରଣ କରି ଦେଶର ବିଭିନ୍ନ ସ୍ଥାନରେ ରାମଲୀଳା ଓ ରାବଣ ଦହନର ପରମ୍ପରା ଦେଖିବାକୁ ମିଳେ । କିନ୍ତୁ ରାବଣର ପୁତଳି ଜଳିଯିବା ହିଁ ଯଦି ବିଜୟର ଶେଷ ଅର୍ଥ ହୋଇଥାନ୍ତା, ତେବେ ପ୍ରତିବର୍ଷ ରାବଣ ଦହନ ପରେ ମଧ୍ୟ ସମାଜରେ ଅନ୍ୟାୟ, ଅହଂକାର, ଲୋଭ ଓ ହିଂସା କାହିଁକି ଅବଶିଷ୍ଟ ହେଇ ରହି ଯାଉଥାନ୍ତା ? ପ୍ରକୃତରେ ରାବଣ କେବଳ ଲଙ୍କାର ଜଣେ ରାଜା ନୁହେଁ; ସେ ମଣିଷ ଭିତରେ ଥିବା ଅହଂକାର, ଲୋଭ, କାମନା, କ୍ରୋଧ ଓ ଅସଂଯମତାର ଏକ ପ୍ରତୀକ । ତେଣୁ ବାହାରେ ରାବଣର ପୁତଳି ଜଳିବା ସହିତ ଆମ ଭିତରର ରାବଣ କେତେ ଦୂର ଜଳିଲା—ସେହି ପ୍ରଶ୍ନ ହିଁ ବିଜୟା ଦଶମୀର ପ୍ରକୃତ ପ୍ରଶ୍ନ ।

ପୂର୍ବ ଭାରତ, ବିଶେଷକରି ଓଡ଼ିଶା ଓ ପଶ୍ଚିମବଙ୍ଗରେ ବିଜୟା ଦଶମୀ ଦୁର୍ଗାପୂଜାର ସମାପନ ଦିବସ ଭାବେ ବିଶେଷ ମହତ୍ତ୍ୱ ବହନ କରେ । ଦେବୀ ଦୁର୍ଗାଙ୍କ ମହିଷାସୁର ବଧର ଆଖ୍ୟାନ ମଧ୍ୟ ଏହି ଦିନକୁ ଅନ୍ୟାୟ ଉପରେ ନ୍ୟାୟର ବିଜୟର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ କରିଛି । ମହିଷାସୁର ଥିଲା ଅହଂକାର, ଅତ୍ୟାଚାର ଓ ଅନିୟନ୍ତ୍ରିତ ଶକ୍ତିର ପ୍ରତୀକ; ତାହାର ବିନାଶ ଥିଲା ସୃଷ୍ଟିର ସନ୍ତୁଳନ ପୁନଃସ୍ଥାପନର ଏକ ଆବଶ୍ୟକତା । ଦେବୀଙ୍କ ବିଜୟ ତେଣୁ କେବଳ ଜଣେ ଅସୁରର ବଧ ନୁହେଁ, ଅନିୟନ୍ତ୍ରିତ ଶକ୍ତି ଉପରେ ନୈତିକ ଶକ୍ତିର ପ୍ରତିଷ୍ଠା । ଏଠାରେ ରାମଙ୍କ ବିଜୟ ଓ ଦୁର୍ଗାଙ୍କ ବିଜୟ ଦୁଇଟି ଭିନ୍ନ ଆଖ୍ୟାନ ହୋଇଥିଲେ ମଧ୍ୟ ଏକ ଗଭୀର ସତ୍ୟରେ ଆସି ମିଶିଯାଏ । ଗୋଟିଏ ପଟେ ରାମ ଅଧର୍ମ ବିରୋଧରେ ଧର୍ମର ପ୍ରତୀକ, ଅନ୍ୟପଟେ ଦୁର୍ଗା ଅସୁରତ୍ୱ ବିରୋଧରେ ଶକ୍ତିର ପ୍ରତୀକ । ଏହି ଦୁଇ ଆଖ୍ୟାନ ଆମକୁ କହେ ଯେ ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ କେବଳ ଶକ୍ତି ଯଥେଷ୍ଟ ନୁହେଁ; ଶକ୍ତିକୁ ନ୍ୟାୟ, ବିବେକ ଓ ମାନବିକତାର ନିୟନ୍ତ୍ରଣରେ ରହିବାକୁ ହୁଏ । ନଚେତ ଶକ୍ତି ନିଜେ ଅତ୍ୟାଚାରର ରୂପ ନେଇପାରେ ।

ଓଡ଼ିଶାରେ ବିଜୟା ଦଶମୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ଜନଜୀବନ, କଳା, ଶିଳ୍ପ ଓ ସାମାଜିକ ସମ୍ପର୍କର ଏକ ବିଶାଳ ସମାଗମ । କଟକର ଦୁର୍ଗାପୂଜା, ଚାନ୍ଦିମେଢ଼, ବିଭିନ୍ନ ସାହିର ପୂଜାମଣ୍ଡପ, ଗାଁଗହଳିର ମେଳଣ ଓ ଦେବୀଙ୍କ ଭସାଣି ଶୋଭାଯାତ୍ରା ଏହି ପର୍ବକୁ ଏକ ବିଶେଷ ସାଂସ୍କୃତିକ ପରିଚୟ ଦେଇଛି । ଦଶମୀ ଦିନ ଦେବୀଙ୍କୁ ବିଦାୟ ଦେବାର ମୁହୂର୍ତ୍ତରେ ଉତ୍ସବର ଆନନ୍ଦ ସହିତ ମିଶିଯାଏ ଏକ ଅଦ୍ଭୁତ ବିଷାଦ । ଯାହାଙ୍କୁ କିଛି ଦିନ ଧରି ଆଲୋକ, ଫୁଲ, ଧୂପ, ଦୀପ ଓ ଭକ୍ତିରେ ଆବାହନ କରାଯାଇଥିଲା, ତାଙ୍କୁ ଶେଷରେ ବିଦାୟ ଦେବାକୁ ପଡ଼େ । ଏହି ବିଦାୟ ଆମକୁ ଜୀବନର ଏକ ଚିରନ୍ତନ ସତ୍ୟ ଶିଖାଏ—ଯାହା ଆସେ, ତାହାକୁ ଦିନେ ନା ଦିନେ ଯିବାକୁ ହୁଏ ।

ବିସର୍ଜନର ଏହି ଦୃଶ୍ୟ ଭିତରେ ଲୁଚି ରହିଛି ଏକ ଗଭୀର ଦାର୍ଶନିକ ଅର୍ଥ । ମାଟିରୁ ଗଢ଼ା ପ୍ରତିମା ପୁଣି ମାଟି ଓ ଜଳରେ ମିଶିଯାଏ । ରୂପର ବିଲୟ ହୁଏ, କିନ୍ତୁ ଚେତନାର ନୁହେଁ; ପ୍ରତିମା ଚାଲିଯାଏ, କିନ୍ତୁ ଆଦର୍ଶ ରହିଯାଏ । ଦେବୀଙ୍କୁ ଆମେ ମଣ୍ଡପରୁ ବିଦାୟ ଦେଉ, କିନ୍ତୁ ତାଙ୍କ ଶକ୍ତି, ସାହସ, ନ୍ୟାୟ ଓ ମାନବିକତାର ବାର୍ତ୍ତାକୁ ନିଜ ଜୀବନରେ ସାଙ୍ଗ କରି ନେବା ହିଁ ବିସର୍ଜନର ପ୍ରକୃତ ଅର୍ଥ । ପୂଜା ଶେଷ ହୁଏ, କିନ୍ତୁ ଆମର ଦାୟିତ୍ୱ ଶେଷ ହୁଏ ନାହିଁ । ବିଜୟା ଦଶମୀର ସବୁଠାରୁ ଗଭୀର ପ୍ରଶ୍ନ ହେଉଛି—ବିଜୟ କାହାର ? ରାମଙ୍କର ରାବଣ ଉପରେ ବିଜୟ, ଦୁର୍ଗାଙ୍କର ମହିଷାସୁର ଉପରେ ବିଜୟ, ନା ମଣିଷର ନିଜ ଭିତରର ଅସୁରତ୍ୱ ଉପରେ ବିଜୟ ? ପ୍ରକୃତରେ ଏହି ତିନୋଟି ବିଜୟ ପରସ୍ପରଠାରୁ ଅଲଗା ନୁହେଁ । ବାହାରର ରାବଣ ଓ ମହିଷାସୁର ଆଖ୍ୟାନର ଚରିତ୍ର; ପ୍ରକୃତ ଯୁଦ୍ଧ ମଣିଷର ଅନ୍ତରରେ ଚାଲିଥାଏ । ଯେତେବେଳେ ଅହଂକାର ବିନୟକୁ ପରାସ୍ତ କରେ, ଲୋଭ ନ୍ୟାୟକୁ ଗ୍ରାସ କରେ, ସ୍ୱାର୍ଥ ମାନବିକତାକୁ ଅତିକ୍ରମ କରେ ଏବଂ ଶକ୍ତି ଦୁର୍ବଳକୁ ଦଳିଦିଏ, ସେତେବେଳେ ଆମ ଭିତରେ ଏକ ନୂଆ ରାବଣ ଜନ୍ମ ନିଏ । ତେଣୁ ବିଜୟା ଦଶମୀ ଆମକୁ ଅନ୍ୟକୁ ଜିତିବା ଅପେକ୍ଷା ନିଜକୁ ଜିତିବାର ଶିକ୍ଷା ଦିଏ । ଆଜିର ସମୟରେ ଏହି ବାର୍ତ୍ତାର ପ୍ରାସଙ୍ଗିକତା ଆହୁରି ବଢ଼ିଛି । ମଣିଷ ବିଜ୍ଞାନ ଓ ପ୍ରଯୁକ୍ତିରେ ଅସାଧାରଣ ଅଗ୍ରଗତି କରିଛି; ମହାକାଶକୁ ଛୁଇଁଛି, କୃତ୍ରିମ ବୁଦ୍ଧିମତାର ନୂଆ ଦିଗନ୍ତ ଉନ୍ମୋଚନ କରିଛି । କିନ୍ତୁ ଯଦି ମଣିଷ ମନରୁ ଘୃଣା, ହିଂସା, ଲୋଭ, ଅସହିଷ୍ଣୁତା, ଦୁର୍ନୀତି ଓ ଅନ୍ୟାୟ ଦୂର ହୋଇନାହିଁ, ତେବେ ଆମର ବାହ୍ୟ ଅଗ୍ରଗତି ଅଧୁରା । ଆଜି ରାବଣର ପୁତଳି ଜଳାଇବା ଅପେକ୍ଷା ନିଜ ମନର ଅହଂକାରକୁ ଜଳାଇବା ଅଧିକ ଆବଶ୍ୟକ । ମହିଷାସୁରର ପ୍ରତିମାକୁ ପରାସ୍ତ କରିବା ଅପେକ୍ଷା ସମାଜରେ ଥିବା ଶୋଷଣ ଓ ଅନ୍ୟାୟକୁ ପରାସ୍ତ କରିବା ଅଧିକ ଆବଶ୍ୟକ । ଦେବୀଙ୍କୁ ମଣ୍ଡପରେ ପୂଜା କରିବା ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନାରୀର ସମ୍ମାନ, ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବା ମଧ୍ୟ ଆମର ଧର୍ମ ହେବା ଉଚିତ । ବିଜୟା ଦଶମୀ ତେଣୁ କେବଳ ଏକ ଉତ୍ସବର ଅନ୍ତ ନୁହେଁ; ଏହା ଏକ ଆତ୍ମପରୀକ୍ଷାର ଦିନ । ଦଶଦିନର ପୂଜା, ଉପବାସ, ଆରାଧନା, ମନ୍ତ୍ର ଓ ଉତ୍ସବ ପରେ ଯଦି ଆମ ଚରିତ୍ରରେ କୌଣସି ପରିବର୍ତ୍ତନ ଆସିଲା ନାହିଁ, ତେବେ ଆମର ବିଜୟ କେବଳ ବାହ୍ୟ ଆଡ଼ମ୍ବରରେ ସୀମିତ ରହିଗଲା ବୋଲି ବୁଝିବାକୁ ହେବ । ପ୍ରକୃତ ବିଜୟ ସେତେବେଳେ, ଯେତେବେଳେ ଜଣେ ଦୁର୍ବଳ ମଣିଷ ଆମ ପାଖରେ ନିଜକୁ ନିରାପଦ ମନେ କରେ; ଜଣେ ନାରୀ ନିଜ ଅଧିକାର ପାଇଁ ଭୟ କରେ ନାହିଁ; ଜଣେ ଶିଶୁ ସମ୍ମାନ ଓ ନ୍ୟାୟର ପରିବେଶରେ ବଢ଼େ; ଜଣେ ଗରିବ ମଣିଷ ସମାଜର ମୁଖ୍ୟଧାରାରୁ ବଂଚିତ ହୁଏ ନାହିଁ ଏବଂ ମଣିଷ ମଣିଷକୁ ଧର୍ମ, ଜାତି, ଭାଷା କିମ୍ବା ପରିଚୟରେ ବିଭକ୍ତ ନକରି ମାନବିକତାର ଦୃଷ୍ଟିରେ ଦେଖେ ।

ବିଜୟା ଦଶମୀ ଆମକୁ ସ୍ମରଣ କରାଏ—ଅସତ୍ୟ ଯେତେ ଶକ୍ତିଶାଳୀ ହେଉ, ତାହାର ଆୟୁ ଚିରନ୍ତନ ନୁହେଁ; ଅନ୍ୟାୟ ଯେତେ ପ୍ରବଳ ହେଉ, ତାହାର ଅନ୍ତ ଅବଶ୍ୟମ୍ଭାବୀ; ଅନ୍ଧକାର ଯେତେ ଗଭୀର ହେଉ, ଏକ ଛୋଟ ଆଲୋକ ମଧ୍ୟ ତାହାକୁ ଭେଦିପାରେ । ତେଣୁ ବିଜୟ ଶେଷରେ ଶକ୍ତିର ନୁହେଁ, ସତ୍ୟର; ବିଜୟ ଅସ୍ତ୍ରର ନୁହେଁ, ଆଦର୍ଶର; ବିଜୟ ଅନ୍ୟକୁ ପରାସ୍ତ କରିବାର ନୁହେଁ, ନିଜ ଭିତରର ଅସୁରକୁ ପରାସ୍ତ କରିବାର । ଦେବୀଙ୍କ ବିସର୍ଜନ ସହିତ ଯଦି ଆମ ଅନ୍ତରର ଅନ୍ଧକାରର ମଧ୍ୟ ବିସର୍ଜନ ହୋଇପାରେ, ଯଦି ଆମ ଆଚରଣରେ ମାନବିକତାର ଦୀପଟିଏ ଅଧିକ ଉଜ୍ଜ୍ୱଳ ହୋଇପାରେ, ତେବେ ହିଁ ବିଜୟା ଦଶମୀର ଉତ୍ସବ ସାର୍ଥକ ହେବ । ସେହି ଆତ୍ମଜୟର ଅମର ଆହ୍ୱାନ ହିଁ—ବିଜୟର ପର୍ବ, ବିଜୟା ଦଶମୀ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର, ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୧, ମୋ: ୭୦୦୮୨୪୧୨୮୭

ଯୁବପିଢ଼ି : ଆଗାମୀ ଭବିଷ୍ୟତର ସୂତ୍ରଧର

।। ବିକ୍ରମ କେଶରୀ ବିଶ୍ୱାଳ।।

କୌଣସି ରାଷ୍ଟ୍ରର ବୟସ୍କ ଗୋଷ୍ଠୀ ତାର ପଥପ୍ରଦର୍ଶକ ହୋଇଥିବାବେଳେ ଯୁବ ପିଢ଼ି ହୋଇଥାନ୍ତି ଆଗାମୀ ଭବିଷ୍ୟତର ସୂତ୍ରଧର । ସେ ଦେଶ ସେତେ ସମୃଦ୍ଧ ଏବଂ ସଶକ୍ତ ଏବଂ ବିବେକବନ୍ତ । ବର୍ତ୍ତମାନ ସମୟରେ ଦେଶର ପ୍ରକୃତ କାର୍ଯ୍ୟକ୍ଷମ ଗୋଷ୍ଠୀ, ଯେଉଁମାନେ ଦେଶକୁ ଚଳେଇବାର ମଙ୍ଗ ନିଜ ହାତରେ ଧରିଛନ୍ତି ସେମାନେ ହେଲେ ଆମର ଯୁବପିଢ଼ି । ଆଜିର ଯୁବପିଢ଼ି ଅଗଣିତ ଅବସର ଏବଂ ସଂଘର୍ଷ ନେଇ ଏକ ଜଟିଳ ସମୟର ସାମ୍ନା କରୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାର ସେମାନଙ୍କୁ ଜ୍ଞାନ, ମନୋରଞ୍ଜନ ଏବଂ ସାମାଜିକ ସମ୍ପର୍କ ସ୍ଥାପନର ଶିଖରରେ ପହଂଚେଇ ପାରିଛି । ଯଦିଓ ଏହି ପ୍ରଗତି ପଥରେ ବିକର୍ଷଣ ମଧ୍ୟ ରହିଛି, ଯାହା ସେମାନଙ୍କୁ ତାଙ୍କର ଲକ୍ଷ୍ୟ ଓ ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ନେଇଛି ।

ସାମାଜିକ ଗଣମାଧ୍ୟମ ଅନଲାଇନ ଗେମ, ଡେଟିଂ, ବେଟିଂ ଆପ୍, ଅଶ୍ଳୀଳ ଏବଂ ଉତେଜକ ସଙ୍ଗୀତ, ନୃତ୍ୟ, ଦୃଶ୍ୟ ଯୁବପିଢ଼ିଙ୍କୁ ନିଜ ମାୟାବୀ ଜାଲରେ ଛନ୍ଦି ଚାଲିଛି । ଏହାକୁ ବ୍ୟବହାର କରୁଥିବା ଯୁବ ସମାଜ କ୍ଷଣିକ ସୁଖରେ ଚକିତ ହେଉଛନ୍ତି ସତ ହେଲେ ସେମାନଙ୍କର ଭବିଷ୍ୟତ ଯେ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ । ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମକୁ ବର୍ତ୍ତମାନ ସମୟରେ ଯୁବକ ଯୁବତୀମାନେ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି । ଦିନର ସର୍ବାଧିକ ସମୟ ସେମାନେ ଏହି ସବୁ ଆପ୍ ବ୍ୟବହାର କରି ବିତାଉଛନ୍ତି । ଚିନ୍ତାର ବିଷୟ ହେଉଛି ଶିକ୍ଷା ହେଉ କି ଖବର ସଂଗ୍ରହ, ସେମାନେ ସୋସିଆଲ ଆପ ଗୁଡ଼ିକୁ ମାଧ୍ୟମ ରୂପେ ଚୟନ କରିଛନ୍ତି । ଏଥିରେ ମାତ୍ରାଧିକ ସମୟ ଅତିବାହିତ କରିବା ହେତୁ ସେମାନଙ୍କ ପାଠପଢ଼ା, ବ୍ୟବସାୟ, ରୋଜଗାର, ସାମାଜିକ ମିଳାମିଶା ମଧ୍ୟ ପ୍ରଭାବିତ ହେଉଛି । କେତେବେଳେ ସେମାନେ ଅନଲାଇନ ଡେଟିଂରେ ଆଭାସୀ ସମ୍ପର୍କ ସ୍ଥାପନ କରି ପ୍ରତାରଣାର ଶିକାର ହେଉଛନ୍ତି ତ ପୁଣି କେତେବେଳେ ଅନଲାଇନ ଗେମ ଏବଂ ବେଟିଂ ମାଧ୍ୟମରେ ଟଙ୍କା ଠକେଇ ବା ଲୁଟର ଶିକାର ହେଉଛନ୍ତି । ପରିଣାମ ସମୟ ଅର୍ଥ ଏବଂ ଶ୍ରମ ନଷ୍ଟ ହେବା ସହିତ ଯୁବପିଢ଼ି ମାନସିକ ଅବସାଦର ଶିକାର ମଧ୍ୟ ହେଉଛନ୍ତି ।

ଯୁବ ସମାଜକୁ ବିପଥଗାମୀ କରାଉଥିବା ଅନ୍ୟ ଏକ କାରଣ ହେଉଛି ନିଶାଦ୍ରବ୍ୟ ସେବନ । ଏହା କେବଳ ମଦରେ ସୀମିତ ନୁହେଁ ବରଂ ଆହୁରି ମାରାତ୍ମକ ଏବଂ ଶୀଘ୍ର କବଳିତ କରୁଥିବା ନିଶାଦ୍ରବ୍ୟ ଉଭୟ ଯୁବକ ଓ ଯୁବତୀଙ୍କୁ ଆକୃଷ୍ଟ କରୁଛି । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଆଧୁନିକତାର ଦୌଡ଼ ଏବଂ ଶୀଘ୍ର ଆଗକୁ ବଢ଼ିବାର ପ୍ରତିଯୋଗିତା ଆମ ଯୁବପିଢ଼ି କେତେବେଳେ ନିଶା ପ୍ରତି ଆକୃଷ୍ଟ ହୋଇ ଏହାକୁ ଅଭ୍ୟାସରେ ପରିଣତ କରିଦେଉଛନ୍ତି ସେମାନେ ମଧ୍ୟ ଜାଣିପାରୁନାହାଁନ୍ତି । ଅଳ୍ପ ସମୟ ଭିତରେ ପ୍ରତିଷ୍ଠିତ ହେବା ଏବଂ ସ୍ୱଳ୍ପ ପରିଶ୍ରମରେ ଅଧିକ ଆୟ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ନିଶା କାରବାରର ପ୍ରଭାବ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଦେଖାଯାଉଛି । ଗରିବ ହେଉ କି ଧନୀ ଶସ୍ତା ହେଉ କି ମହଙ୍ଗା ଯେ କୌଣସି ନିଶାଦ୍ରବ୍ୟ ବ୍ୟବହାର ବଶବର୍ତ୍ତୀ ହେଲେ ଆମ ଯୁବ ସମାଜ ନିଜ ଆଗାମୀ ଭବିଷ୍ୟତକୁ ନିଜେ ପଙ୍ଗୁ କରିଦେଉଛନ୍ତି । କିଶୋର ଅବସ୍ଥାରେ ଆରମ୍ଭ ହେଉଥିବା ନିଶାସେବନ ପ୍ରାପ୍ତ ବୟସ୍କ ହେଲା ବେଳକୁ ଭୟଙ୍କର ରୂପ ନେଉଛି । ମଦ, ଗୁଟଖା, ବିଡ଼ି, ସିଗାରେଟ ସେବନରୁ ଆରମ୍ଭ କରିଥିବା ପିଲା ଆଗକୁ ଯାଇ ଗଞ୍ଜେଇ, ଚରସ, ହେରୋଇନ,. କୋକେନ ଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି । ଦେଶର ଯୁବ ବର୍ଗ ନିଶାଗ୍ରସ୍ତ ହେଲେ ତାଙ୍କ ଶିକ୍ଷା, କ୍ୟାରିୟର, ବ୍ୟବହାର ଓ ଦୈନନ୍ଦିନ ଜୀବନଶୈଳୀ ବାଧାପ୍ରାପ୍ତ ହେଉଛି । ଏହାର ବହୁଳ ବ୍ୟବହାର ପଛର ବଡ଼ କାରଣ ହେଉଛି ଏହା ଖୁବ ସହଜରେ ଉପଲବ୍ଧ ହେଉଛି ଏବଂ ଯୁବ ପିଢ଼ି ଏହାକୁ ବ୍ୟବହାର କରିବା ଆଭିଜାତ୍ୟ ଏବଂ ପ୍ରତିପତି ଦେଖାଇବାର ଏକ ମାଧ୍ୟମ ବୋଲି ମନେ କରୁଛନ୍ତି ।

ଦୁଃଖର ବିଷୟ ପଥଭ୍ରଷ୍ଟ ଯୁବ ସମାଜ ଅବସାଦଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି । ଗୋଟିଏ ଆତ୍ମହତ୍ୟା ଘଟଣାର ତଦନ୍ତ ଓ ଯାଂଚ ନ ସରୁଣୁ ଆଉ ଗୋଟିଏ କେତେ ସହଜରେ ନିଜ ଜୀବନ ନିବେ ନେଇ ଯାଉଛନ୍ତି ଏ ଯୁବପିଢ଼ି । ବାପମାଆ କଷ୍ଟ ସହି ପିଲାଙ୍କୁ ଜନ୍ମ ଦେବେ, ତାଙ୍କର ଲାଳନପାଳନ, ଶିକ୍ଷା, ସ୍ୱଚ୍ଛଳ ଜୀବନ ପାଇଁ ଝାଳବୁହା ପରିଶ୍ରମ କରିବେ, ପିଲାଏ ଭଲ ଶିକ୍ଷା ଅନୁଷ୍ଠାନରେ ପାଠ ପଢ଼ିବେ ବୋଲି କିଏ ଜମି ବିକ୍ରି କରିଥିବ ତ କିଏ ତାର ସଂଚିତ ଧନ ବ୍ୟୟ କରି ଭଲରୁ ଭଲ ଜାଗାକୁ ପଠେଇଥିବ । ନିଜେ ଅସୁବିଧାରେ ରହି ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ବାପା ମାଆଙ୍କ ତମାମ ଜୀବନ ବିତିଯାଏ । ବଦଳରେ ପିଲାମାନେ କଣ ଫେରାନ୍ତି ? ମୃତ୍ୟୁ ପୂର୍ବରୁ ଗୋଟିଏ ହାତଲେଖା ଚିଠି, ଯେଉଁଠି ସେମାନଙ୍କ ଆତ୍ମହତ୍ୟାର କାରଣ ସୁଦ୍ଧା ସ୍ପଷ୍ଟ ଭାବରେ ଲେଖା ନଥାଏ । ପରିବାର ସ୍ୱଜନ ଓ ପୋଲିସ ଚିଠିଟିକୁ ନେଇ ଯେତେ ଦୌଡ଼ାଦୌଡ଼ି କଲାପରେ ବି କିଛି ସ୍ପଷ୍ଟ ଜଣା ପଡ଼େନି । ପରିଣାମ ଦିନ ଦିନ ବିତିଗଲେ ବି କିଛି ଲାଭ ହୁଏ ନାହିଁ ବାପା ମାଆ ସବୁଦିନ ପାଇଁ ହରାଇ ବସନ୍ତି ନିଜର ବଂଚିବାର ସାହାରା ନିଜର ପିଲାଙ୍କୁ ।

ଶିକ୍ଷାଲାଭ ଓ ଜ୍ଞାନ ଅର୍ଜନ ଭିତରେ ଅନେକ ତଫାତ । ବିଡ଼ମ୍ବନା କଥା ଆଜିକାଲିର ଛାତ୍ର ବର୍ଗ ଛତୁ ଉଠିଲା ପରି ସରକାରୀ, ବେସରକାରୀ, ଗ୍ରାଂଟ ଭଳି ଏକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଲାଭ କରୁଛନ୍ତି କିନ୍ତୁ ତା ଦ୍ୱାରା ନା ମାର୍ଜିତ ନା କର୍ତ୍ତବ୍ୟ ସଚେତନ ହେଉଛନ୍ତି ଓଲଟା ସେମାନେ ସଂସ୍କାର ବିଚ୍ୟୁତ ହୋଇ ପଡ଼ିଥିବା ପରିଲକ୍ଷିତ କରାଯାଉଛି । ଏଥିପାଇଁ ଅଭିଭାବକଙ୍କ ସହିତ ଶିକ୍ଷକମାନଙ୍କ ଭୂମିକା ଅଣଦେଖା କରାଯାଇ ପାରିବ ନାହିଁ । ସ୍କୁଲର ପାଠଚାପ, ମୂଲ୍ୟବୋଧର ବିକାଶ ହୋଇପାରେନା । ବରଂ ତା ଭିତରର ଅନ୍ତର୍ନିହିତ ସୃଜନଶୀଳତା ପ୍ରଭାବିତ ହୁଏ । ବ୍ୟବସ୍ଥାନୁଯାୟୀ ମନକୁ ମାରି ଶିକ୍ଷାଲାଭ କରୁଥିବା ପିଲାମାନେ ବହିପାଠ ଭିତରେ ସୀମିତ ରହିଯାଆନ୍ତି । ଫଳରେ ନା ସଂପର୍କର ତା ସହ କର୍ମୀଙ୍କ ଭିତରେ ସୁସଂପର୍କ ସ୍ଥାପନ କରିପାରନ୍ତି । ନା ଦେଶର ହିତ ପାଇଁ ଉତମ ନାଗରିକ ପ୍ରମାଣିତ ହୁଅନ୍ତି । ଏଥିପାଇଁ ମୂଳରୁ ଅଭିଭାବକ ଓ ଶିକ୍ଷକମାନେ ଦାୟୀ ବୋଲି ଅନେକ ମତ ରଖନ୍ତି । ଘରେ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆବଶ୍ୟକୀୟ ଅନୁଷ୍ଠାନ ଗୁଡ଼ିକରେ ଆବଶ୍ୟକୀୟ ଅନୁଶାସନ ରହିବା ଜରୁରୀ ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

ଆମଗାଁ ସାହିତ୍ୟ ସଂସଦର ଶାରଦୀୟ ଆସର

ଜଗତସିଂହପୁର, ୧୮/୧୦ (ଆ.ପ୍ର) : ଆମ ଗାଁ ସାହିତ୍ୟ ସଂସଦର ଶାରଦୀୟ ଆସର ଅୟର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସଂସଦର ସମ୍ପାଦକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ କବିତା ପାଠ ସହିତ ସରକାରୀ ବିଦ୍ୟାଳୟ ବନାମ ଘରୋଇ ବିଦ୍ୟାଳୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ବରିଷ୍ଠ ସଦସ୍ୟ ପ୍ରତିଷ୍ଠିତ କବି ସୁରେଶ ଚନ୍ଦ୍ର ରାଉତଙ୍କ ଜନ୍ମଦିନ ଉପଲକ୍ଷେ ସମସ୍ତ ସଭ୍ୟ ସଭ୍ୟା ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏକ ମନୋଜ୍ଞ ସାହିତ୍ୟିକ ପରିବେଶ ଭିତରେ ପରସ୍ପର ପ୍ରତି ଶାରଦୀୟ ଶୁଭେଚ୍ଛା ଜଣାଇଥିଲେ । ଏହି ଆସରରେ ସଦାଶିବ ବିଶ୍ୱାଳ, ଉପେନ୍ଦ୍ର ନାଥ ରଥ, କୈଳାସ ଚନ୍ଦ୍ର ମଲ୍ଲିକ, ବନମାଳୀ ମହାରଣା, ଶାନ୍ତନୁ କୁମାର ମିଶ୍ର, ସନ୍ତୋଷ କୁମାର ସାହୁ,ସୁଶ୍ରୀ ଗୀତା ରଥ, ପ୍ରତାପ କୁମାର ଲେଙ୍କା, ଅଜୟ କୁମାର ସାହୁ, ଶରତ ଚନ୍ଦ୍ର ପଣ୍ଡା, ସୁଦାସ ନାୟକ, ସରୋଜ କୁମାର ନାୟକ, ସୁରେନ ରାଉତ, ଅଜୟ ଦରାଜ, ନିରଞ୍ଜନ ଦ୍ୱିବେଦୀ, ନିରଞ୍ଜନ ବେହେରା, ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ପୂଜା ମଣ୍ଡପରେ ବଣିକ ମହାସଂଘର ଶାରଦୀୟ ବନ୍ଧୁମିଳନ

ଦଶପଲ୍ଲା, ୧୮/୧୦ (ଆ.ପ୍ର) : ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଦଶପଲ୍ଲାର ପ୍ରମୁଖ ବ୍ୟବସାୟୀ ସଂଗଠନ ଦୁର୍ଗା ବଜାର ବଣିକ ସଂଘ ପକ୍ଷରୁ ମହାଅଷ୍ଟମୀ ତିଥିରେ ମହାବୀର ବଣିକ ମହାସଂଘର ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଦଶପଲ୍ଲାର ୧୨ଟି ବଜାର ସଂଘକୁ ନେଇ ଗଠିତ ଏହି ମହାସଂଘର କାର୍ଯ୍ୟକର୍ତାମାନେ ଏଥିରେ ଯୋଗଦେଇ ଭାଇଚାରା ଓ ସାଂଗଠନିକ ଏକତାର ବାର୍ତା ଦେଇଥିଲେ । ଦୁର୍ଗା ବଜାର ବଣିକ ସଂଘର ସଭାପତି ସନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହାସଂଘର ସଭାପତି ଅଲେଖ ସାହୁ, ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ସଜନ କୁମାର ଅଗ୍ରୱାଲ, ସହକୋଷାଧ୍ୟକ୍ଷ ବିଜୟ କୁମାର ଅଗ୍ରୱାଲ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଦଣ୍ଡପାଣି ସାହୁ ଓ ସଜନ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ, ରଙ୍ଗିନ କ୍ୟାଲେଣ୍ଡର ପ୍ରକାଶନ ଓ ସାଂଗଠନିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହ ସହରର ଟ୍ରାଫିକ୍ ସମସ୍ୟାର ସମାଧାନ, ପାନୀୟ ଜଳ ଯୋଗାଣ, ସହର ସଫେଇ, ସୁଲଭ ଶୌଚାଳୟ ବ୍ୟବସ୍ଥା ଏବଂ ପୁରାତନ ନାରାୟଣଗଞ୍ଜ ସାପ୍ତାହିକ ହାଟର ଉନ୍ନତୀକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ବିଭିନ୍ନ ବଜାର ସଂଘର କାର୍ଯ୍ୟକର୍ତାଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା । ପରେ ମା’ ଦୁର୍ଗାଙ୍କ ପୀଠରେ ସମୂହ ପୁଷ୍ପାଞ୍ଜଳି ଅର୍ପଣ ସହ ଧୂପଦୀପ ପ୍ରଦାନ କରାଯାଇଥିଲା । ପଣ୍ଡିତ ଅଶୋକ କୁମାର ମିଶ୍ର ମନ୍ତ୍ରପାଠ କରି ଉପସ୍ଥିତ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଚଳିତ ବର୍ଷର ଶ୍ରେଷ୍ଠ ବ୍ୟବସାୟୀ ସନାତନ ପୃଷ୍ଟିଙ୍କ ସମେତ ଦିବଂଗତ ଅଶୋକ କୁମାର ସାହୁଙ୍କ ଧର୍ମପତ୍ନୀଙ୍କୁ ଉପଢୌକନ ଓ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦୁର୍ଗା ବଜାର ବଣିକ ସଂଘର ସମ୍ପାଦକ ଶିବ ପ୍ରସାଦ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍ଧାର ଫାଉଣ୍ଡେସନ ସହଯୋଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଟାଙ୍ଗୀ ଚୌଦ୍ୱାର, ୧୮/୧୦ (ଆ.ପ୍ର) : ଉଦ୍ଧାର ଫାଉଣ୍ଡେସନ ସଂଗଠନ ଓ କେୟାର ନେତ୍ରମ୍ ସହିତ ନଗର ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ପରିବର୍ତ୍ତନ କିଶୋର ନିଶାମୁକ୍ତ କେନ୍ଦ୍ରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ଏହି ଶିବିରରେ ୧୧୨ଜଣ ଆଖି ସମସ୍ୟା ରୋଗୀ ଅଭିଜ୍ଞ ଡାକ୍ତର ଭୁପେନ୍ଦ୍ର ରାଇକିଆ ଓ ଚକ୍ଷୁ ଟେକ୍ନିସିଆନ ମମତା ବିଶ୍ୱାଳ, ମିତାଳି ରାଉତ, ସିପାରାଣୀ, ସୁପ୍ରିୟା ସ୍ୱାଇଁ ଓ ରାହୁଲ ପାତ୍ରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା ପରିବର୍ତ୍ତନ କେନ୍ଦ୍ରର ୪୨ ଜଣ ନାବାଳକ ଅନ୍ତେବାସୀ ନିଜର ଆଖି ପରୀକ୍ଷା କରାଇଥିଲେ । ତନ୍ମଧ୍ୟରୁ ଦୁଇ ଜଣଙ୍କ ଆଖି ଖରାପ ଥିବାରୁ ମାଗଣାରେ ଚଷମା ବ୍ୟବସ୍ଥା କରାଯାଇଥିଲା । ଯେଉଁ ବୟସ୍କ ଲୋକ ମାନଙ୍କର ଚକ୍ଷୁ ପରୀକ୍ଷା କରିବା ପରେ ଜଣାପଡ଼ିଥିଲା ଚକ୍ଷୁ ସମସ୍ୟା ଅଛି ସେମାନଙ୍କୁ ବଜାର ଦରରୁ କମ ସୁଲଭ ମୂଲ୍ୟରେ ଚଷମା ପ୍ରଦାନ କରାଯାଇଥିଲା ଚକ୍ଷୁ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ ପରିବର୍ତ୍ତନ କେନ୍ଦ୍ରର ଅଧ୍ୟକ୍ଷ ନରୋତ୍ତମ ଦାସ ଏହି କାର୍ଯ୍ୟକ୍ରମରେ ଉଦ୍ଧାର ଫାଉଣ୍ଡେସନର ଟ୍ରଷ୍ଟି ମୁଖ୍ୟ ଭାରତୀ ଦାସ, ମୁଖ୍ୟ ସେବକ ସୁବ୍ରତ ଖଟୁଆ,ସୁନୀଲ ମୁର୍ମୁ, ଶିବମ ବେହେରା, ସୋନୁ ରାୟ,ସାହିଲ ସୋହନ ସାହୁ,ଅମର ନାୟକ, ସତ୍ୟ ପ୍ରକାଶ ସାହୁ ଓ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରିଣୀ ପ୍ରିୟଙ୍କା ଦାସ ପ୍ରମୁଖ ଯୋଗଦାନ କରି ଚକ୍ଷୁ ଚିକିତ୍ସା ଶିବିରକୁ ସଫଳତା ସହ ଶେଷ କରାଇଥିଲେ ।

ପାଇକ ଖଣ୍ଡାୟତ କୁଳ ସମାଜର କାର୍ଯ୍ୟକାରୀ ସଭାପତି ହେଲେ ପ୍ରମୋଦ ଦଣ୍ଡସେନା

ବାଲିଗୁଡ଼ା, ୧୮/୧୦ (ଆ.ପ୍ର) :କନ୍ଧମାଳ ଜିଲ୍ଲାର ଶ୍ରୀ ଜଗନ୍ନାଥ ପାଇକ ଖଣ୍ଡାୟତ କୁଳ ସମାଜରେ ନୂତନ ଦାୟିତ୍ୱ ପାଇଛନ୍ତି ପ୍ରମୋଦ କୁମାର ଦଣ୍ଡସେନା । ବାଲିଗୁଡା ବ୍ଲକ ବାରଖମା ଠାରେ ଅନୁଷ୍ଠିତ ଜିଲ୍ଲା ପାଇକ ଖଣ୍ଡାୟତ କୁଳ ସମାଜର ବାର୍ଷିକ ସାଧାରଣ ବୈଠକରେ ତାଙ୍କୁ ସମାଜର କାର୍ଯ୍ୟକାରୀ ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ସମାଜର ସାଂଗଠନିକ ଶକ୍ତି ବୃଦ୍ଧି ସହ ଶିକ୍ଷା, ସଂସ୍କୃତି ଓ ପାରମ୍ପରିକ ଐତିହ୍ୟର ସୁରକ୍ଷା ଦିଗରେ ନୂତନ ଦାୟିତ୍ୱ ଗୁରୁତ୍ୱ ବହନ କରୁଛି । ସମାଜର ସଦସ୍ୟମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବଜାୟ ରଖିବା ସହ ସାମୂହିକ ବିକାଶକୁ ଆଗେଇ ନେବା ଏହି ଦାୟିତ୍ୱର ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ଆଶା ପ୍ରକାଶ ପାଇଛି । ନୂତନ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ଦଣ୍ଡସେନା ସମାଜରେ ଶିକ୍ଷାର ପ୍ରସାର, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି । ତାଙ୍କର ଏହି ମନୋନୟନ ପରେ ପାଇକ ଖଣ୍ଡାୟତ କୁଳ ସମାଜର ସଦସ୍ୟ ମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଉଛି । ତାଙ୍କ ନେତୃତ୍ୱରେ ସମାଜର ସାଂଗଠନିକ କାର୍ଯ୍ୟକଳାପ ଆହୁରି ଗତିଶୀଳ ହେବା ସହ ସାମାଜିକ ଉନ୍ନତିର ନୂତନ ଦିଗ ଉନ୍ମୁକ୍ତ ହେବ ବୋଲି ସଦସ୍ୟ ମାନେ ଆଶାବାଦୀ ଅଛନ୍ତି ।

ମହାଆଡମ୍ବରରେ ମା’ଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ

ଜି. ଉଦୟଗିରି, ୧୮/୧୦ (ଆ.ପ୍ର) : ଜି. ଉଦୟଗିରି ଠାରେ ଚଳିତ ବର୍ଷ ଦଶହରା ଉତ୍ସବ ମହାଆଡମ୍ବରରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି । ଜି. ଉଦୟଗିରି ଠାରେ ଦଶହରା ପୂଜା ରେ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ବରାଳଦେବୀଙ୍କ ଘଟ ପୂଜା ପାଇଥାଏ ଯାହା ଫଳରେ ଏଠାକାର ଦୁର୍ଗାପୂଜା ନିଆରା ବୋଲି ଅଂଚଳବାସୀଙ୍କ ମତ ରହିଛି । ରବିବାର ମା’ଙ୍କ ବିଧିବିଧାନ ସହକାରେ ମହା ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ଓ ସହଯୋଗୀଙ୍କ ଦ୍ୱାରା ଚଣ୍ଡୀପାଠ କରାଯାଇ ମାଁଙ୍କୁ ରାତ୍ରୀ ସମୟରେ ଆମିଷ ଭୋଗ ହୋଇଥିଲା । ଏବଂ ମଧ ରାତ୍ରିରେ ବହୁ ସଂଖ୍ୟାରେ ଗ୍ରାମବାସୀ ମା’ଙ୍କ ଅନ୍ନ ଭୋଗ ଖାଇବା ବ୍ୟବସ୍ଥା ହୋଇଥିଲା । ନବରାତ୍ରି ଉତ୍ସବରେ ସହର ଚଳଚଂଚଳ ରହିଥିବା ବେଳେ

ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ମାଁଙ୍କ ଦଶମୀ ପୂଜା ପରେ ହୋମ ପୂର୍ଣ୍ଣାହୁତି ହୋଇ ଘଟ ବିସର୍ଜନ ହେବ । ପରଦିନ ବିଶେଷ ଆକର୍ଷଣ ପୌରାଣିକ ନାଟକ ମହାଭାରତ ସ୍ଥାନୀୟ ଗାନ୍ଧୀ ଛକ ଠାରେ ଅନୁଷ୍ଠିତ ହେବା ସୂଚନା ମିଳିଛି । ପାଗ ଶୁଖିଲା ରହିଥିବା ବେଳେ ଅସ୍ଥାୟୀ ପୂଜା ମଣ୍ଡପରେ ମେଢ଼ ଦେଖିବାକୁ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି ।

ଭକ୍ତଙ୍କୁ ଦର୍ଶନ ଓ ସୁରକ୍ଷା ଦେବାରେ ମନ୍ଦିର ପ୍ରଶାସକ ବିଫଳ

ଯାଜପୁର , ୧୮/୧୦ (ଆ.ପ୍ର) : ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଶକ୍ତି ପୀଠରେ ମହାଷ୍ଟମୀ ପାଳିତ ହୋଇଯାଇଛି । ମହାଷ୍ଟମୀ ଦିନ ମାଙ୍କ ପାଦ ଦର୍ଶନ ଓ ମାଙ୍କ ଠାରେ ପୂଜାର୍ଚ୍ଚନା କରିବା ନିମନ୍ତେ ପହୁଡ଼ ଖୋଲିବା ପୂର୍ବରୁ ମାଙ୍କ ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ପହୁଡ଼ ଖୋଲିବା ପରେ ଭକ୍ତ ମାନେ ମନ୍ଦିର ପରିସରକୁ ଯାଇଥିଲେ ମଧ ଶାନ୍ତି ଶୃଙ୍ଖଳାର ସହ ମାଙ୍କ ପାଦ ଦର୍ଶନ କରି ପାରିନଥିଲେ । ଏପରି କି ଛଅ ସାତ ଘଂଟା ଭକ୍ତ ମାନେ ଦର୍ଶନ ପାଇଁ ଅପେକ୍ଷା କରି ଥିଲେ ମଧ ମାଙ୍କ ଦର୍ଶନ ନ କରି ଫେରି ଯାଇ ଥିବାର ଦେଖିବାକୁ ମିଳିଥିଲା । ମହାଷ୍ଟମୀ ଦିନ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରଶାସକଙ୍କ ସମ୍ପୂର୍ଣ ବିଫଳ ହେଇଛନ୍ତି । ମନ୍ଦିର ପ୍ରଶାସକ ଜାଣି ଶୁଣି ଏଭଳି ଅବ୍ୟବସ୍ଥା କରିଛନ୍ତି ବୋଲି ଭକ୍ତ ମାନେ କହିଛନ୍ତି । ମନ୍ଦିର ପ୍ରଶାସକ ଭକ୍ତଙ୍କ ସେବା ଅପେକ୍ଷା ନିଜ ପରିବାର ଓ ଅଧସ୍ତ ଅଫିସରଙ୍କ ସେବା କରିବାର ନିଜକୁ ନିୟୋଜିତ କରିଥିବାର ଶୁଣିବାକୁ ମିଳିଛି ।

୮ ନଂ ୱାର୍ଡରେ ଶାନ୍ତି ଓ ଯୋଗ ମଣ୍ଡପ ଉଦ୍‌ଘାଟିତ

ଭୁବନେଶ୍ୱର,୧୮/୧୦ (ଆ.ପ୍ର) : ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୮ ନମ୍ବର ୱାର୍ଡର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ଦୁର୍ଗା ପଡିଆ ଠାରେ ଶାନ୍ତି ମଣ୍ଡପ ଓ ଯୋଗ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି । ଯୁବନେତା ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଦୁଇଟି ମଣ୍ଡପର ଶୁଭ ଉଦ୍‌ଘାଟନ

କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କର୍ପୋରେଟର ଲାଲ ମୋହନ ଟୁଡ୍ଡୁ, ବରିଷ୍ଠ ନାଗରିକ ସଂଘ ସଭାପତି ଡ. ମଧୁମାଧବ ଜେନା, ଦୁର୍ଗାପୂଜା କମିଟି ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ସନ୍ତୋଷ ମହାନ୍ତି, ସମାଜସେବୀ ଡ. ଭଗବାନ ଦାଶ, ବ୍ୟବସାୟୀ ସଂଘ ସଭାପତି, ସମ୍ପାଦକ ଓ ବିଭିନ୍ନ ସଂଘର କର୍ମକର୍ତାମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କଲୋନୀର ବହୁ ଜନସାଧାରଣ ଯୋଗଦାନ କରି ମନୋଜ ସାହୁଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

ବି ମାଳିଗୁଡ଼ା ଓ ସିନ୍ଧିଗୁଡ଼ା କ୍ଲୋଷ୍ଟର ରେ ଜନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ନବରଙ୍ଗପୁର, ୧୮/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ନନ୍ଦହଣ୍ଡି ବ୍ଲକର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିଶ୍ଚାହାଣ୍ଡି ଠାରେ ଜନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ୯ଟି ବିଦ୍ୟାଳୟର ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ଗରଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଳଭଦ୍ର ସୁନାନି ସମ୍ମାନିତ ଅତିଥି ଭାବେ ଉତ୍ତମ ହରିଜନ ମୁଖ୍ୟ ବକ୍ତା ଭାବରେ ଆଲକ୍ ରଶ୍ମିରଞ୍ଜନ ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ୧୦୦ମିଟର,୨୦୦ମିଟର ଦୌଡ଼, ଖୋ, କବାଡି, ଭଲିବଲ୍, ଯୋଗା, ଯୋଗାସନ, ଶୋଟପୁଟ, ଲଙ୍ଗ ଜମ୍ପ, ହାଇ ଜମ୍ପ ଏଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ନିଜନିଜର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରରେ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ତେଜସ, ପ୍ରଦ୍ୟୁମ୍ନ ବେହେରା, ସୁଶାନ୍ତ ବେହେରା, ସସ୍ମିତା ମାଝୀ,ଗଣେଶ ଅଧିକାରୀ,ରଶ୍ମିତା ଭୋଇ, ଗୀତାଞ୍ଜଳିଙ୍କ ସମେତ ୯ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ପରିଶେଷରେ ପ୍ରମୋଦ କୁମାର ଦାସ,ମୁନା ସମରଥ ଏହି ଖେଳକୁ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ମା’ଦୁର୍ଗାଙ୍କ ମହାଗୌରୀ ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ପୀଠରେ ମହାଷ୍ଟମୀ ପୂଜା, ମୃଣ୍ମୟୀ ଦେବୀଙ୍କ ମହାସପ୍ତମୀ ପୂଜାରେ ଆଧ୍ୟାତ୍ମିକ ପରିବେଶ

ବାଳିଗୁଡ଼ା, ୧୮/୧୦ (ଆ.ପ୍ର) : ଶାରଦୀୟ ନବରାତ୍ର ଉତ୍ସବକୁ ନେଇ ଚଳଚଂଚଳ ହୋଇଉଠିଛି ବାଳିଗୁଡ଼ାର ଆରାଧ୍ୟ ଦେବୀ ମା’ ପାଟଖଣ୍ଡାଙ୍କ ପୀଠ । ଶ୍ରୀ ଶ୍ରୀ ଶ୍ରୀ ମା’ ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ମନ୍ଦିର ପରିସରରେ ଚାଲିଥିବା ନବରାତ୍ର ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଜାରି ରହିଛି । ରବିବାର ନବରାତ୍ରର ଅଷ୍ଟମ ଦିବସରେ ମା’ ଦୁର୍ଗା ମହାଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ମା’ଙ୍କ ଦର୍ଶନ ପାଇଁ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା । ନବରାତ୍ରର ପ୍ରତ୍ୟେକ ଦିନ ଦେବୀଙ୍କ ଭିନ୍ନ ଭିନ୍ନ ସ୍ୱରୂପର ଆରାଧନା କରାଯାଉଥିବା ବେଳେ ଅଷ୍ଟମ ଦିନର ମହାଗୌରୀ ବେଶ ଭକ୍ତଙ୍କ ମନରେ ବିଶେଷ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଛି । ମନ୍ଦିର ପରିସରରେ ପୂଜାର୍ଚ୍ଚନା ଓ ଧାର୍ମିକ ବିଧିବିଧାନ ମଧ୍ୟରେ ଉତ୍ସବର ମାହୋଲ ଅଧିକ ଭକ୍ତିମୟ ହୋଇଉଠିଛି । ଅନ୍ୟପକ୍ଷରେ ମୃଣ୍ମୟୀ ଦେବୀଙ୍କ ମଣ୍ଡପରେ ମହାସପ୍ତମୀ ପୂଜା ଏବଂ ଶକ୍ତିପୀଠରେ ମହାଷ୍ଟମୀ ପୂଜା ବିଧି ଅନୁଯାୟୀ ସମ୍ପନ୍ନ ହୋଇଛି । ଚଳିତ ବର୍ଷ ପୂଜାରେ କର୍ତା ଭାବେ ରବୀନ କୁମାର ମିଶ୍ର ଓ ନମିତା ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । ପୂଜାକାର୍ଯ୍ୟରେ ପୁରୀ ଶ୍ରୀକ୍ଷେତ୍ର ଧାମରୁ ଆସିଥିବା ହିମାଂଶୁ ଶେଖର ଶତପଥୀ, ଗଞ୍ଜାମ ଜିଲ୍ଲା ଖଟିଆ ରାମଚନ୍ଦ୍ରପୁର ଶାସନର ବିନ୍ମୟ ଶତପଥୀ ଏବଂ କରପଡ଼ା ଗ୍ରାମର କାହ୍ନୁଚରଣ ପଣ୍ଡା ପୁରୋହିତ ଓ ପୂଜକ ଭାବେ ଧାର୍ମିକ ବିଧିବିଧାନ ସମ୍ପାଦନ କରୁଛନ୍ତି ।ମା’ ପାଟଖଣ୍ଡାଙ୍କ ଆଶୀର୍ବାଦ ଲାଭ କରିବା ସହ ନବରାତ୍ର ଉତ୍ସବରେ ସାମିଲ ହେବା ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ଜାରି ରହିଛି । ପୂଜାକୁ ନେଇ ସମଗ୍ର ଅଂଚଳରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି ହୋଇଛି ।

ଚିଲିକା : ହରିପୁର ଦୁର୍ଗାପୂଜା ମୁଣ୍ମୟୀମୂର୍ତିଙ୍କ ନବପତ୍ରିକା ବରଣ ଓ ମହାସପ୍ତମୀ ପୂଜା

ଚିଲିକା/ବାଣପୁର, ୧୮/୧୦ (ଆ.ପ୍ର) : ଶାରଦୀୟ ଋତୁର ପାର୍ବଣ ଉତ୍ସବ ଜାରିରହିଛି । ଆଶ୍ୱିନ ମାସ ଶୁକ୍ଳପକ୍ଷ ସପ୍ତମୀ ଅବସରରେ ମା’ ଦୁର୍ଗାଦେବୀଙ୍କ ମହାସପ୍ତମୀ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ଆରାଧ୍ୟ ଠାକୁରାଣୀ ମା ପାଣ୍ଡବାଶୁଣୀ ଦେବୀଙ୍କ ପୂର୍ବପାର୍ଶ୍ୱରେ ଥିବା

ଅସ୍ଥାୟୀ ମଣ୍ଡପରେ ମୃଣ୍ମୟୀ ଦୁର୍ଗାଦେବୀଙ୍କ ନବପତ୍ରିକା ବରଣ ଓ ମହାସପ୍ତମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । କର୍ମକାଣ୍ଡ ବିଶାରଦ ପଣ୍ଡିତ ଦିଲ୍ଲୀପ ସାମନ୍ତରାୟ, ପଣ୍ଡିତ ପ୍ରସନ୍ନ କୁମାର ପାତ୍ରୀଙ୍କ ପୌରୋହିତ୍ୟରେ ଗ୍ରାମର ଆରାଧ୍ୟ ପଶ୍ଚିମାଭିମୁଖ ମହାଶମ୍ଭୁ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ମହାଦେବଙ୍କ ମନ୍ଦିର ସନ୍ନିକଟ ମାର୍ଥା ପୋଖରୀରେ ସପ୍ତନଦୀ ଆରାଧନା ସହିତ କଳସଯାତ୍ରା ଓ ନବପତ୍ରିକା ବରଣ କରାଯାଇଥିଲା । ସମସ୍ତ ବିଧିବିଧାନ ଅନୁଯାୟୀ ମହାସପ୍ତମୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଅଛି । ବର୍ଷତମାମ ଘରେ ପୂଜା ପାଉଥିବା ଦୁର୍ଗାଦେବୀଙ୍କୁ ଉପବେଶନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । କର୍ତା ପ୍ରଭାସ ବାରିକ ଓ ଧର୍ମପତ୍ନୀ ବନିତା ବାରିକ ପୂଜାରେ ଉପବେଶନ କରିଥିଲେ । ସୂଚନା ଥାଉକି, ୧୯୮୦ମସିହା ଠାରୁ ଚଳିତ ବର୍ଷକୁ ୪୭ ବର୍ଷରେ ପୂଜା ପାଳିତ ହେବାକୁ ଯାଉଅଛି । ହରିପୁର ଗ୍ରାମର ଦୁର୍ଗାଉପାସକ ସ୍ୱର୍ଗତ ସୋମନାଥ ବାରିକଙ୍କ ଦ୍ୱାରା ଏହି ପୂଜା ଆରମ୍ଭ କରାଯାଇଥିଲା । ତାଙ୍କର ସ୍ୱର୍ଗାରୋହଣ ପରେ ତାଙ୍କର ଉତରପିଢ଼ି ଏହି ପୂଜା ସମ୍ପାଦନା କରିଆସୁଅଛନ୍ତି । ସ୍ୱର୍ଗତ ବାରିକଙ୍କ ଧର୍ମପତ୍ନୀ ବେଙ୍ଗଲତା ଦେଈଙ୍କ ଏହି ପୂଜାରେ ଉପଦେଷ୍ଟା ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏହି ପୂଜାରେ ସବିତା ବେହେରା, ଶର୍ମିଳା ବାରିକ, ସୁବାସ ବାରିକ, ଆଇନଜୀବୀ ଇପ୍ସିତା ବାରିକ, କ୍ରୀଡ଼ାବିତ ଶାନ୍ତେଶ କୁମାର ବାରିକ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବାରିକ, ଅନିମେଷ ବାରିକ, ଅଂଶୁମାନ ବାରିକ, ଦୁର୍ଗା ମା’ଙ୍କ ଅଙ୍ଗଲାଗି ସେବକ ପ୍ରଦୀପ ମହାପାତ୍ର, ଲିଙ୍ଗରାଜ ସାହୁ, ବରିଷ୍ଠ କଳାକାର ଚନ୍ଦ୍ରକାନ୍ତ ବେହେରା ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ନୃସିଂହ ଚରଣ ସାମନ୍ତସିଂହାରଙ୍କ ସ୍ମୃତି ସଭା

ଚିଲିକା/ ବାଣପୁର, ୧୮/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଓ ଚିଲିକାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ସାଂସଦ ତଥା ଓଡିଶା ଭାଗଚାଷ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ଡାକ୍ତର ନୃସିଂହଚରଣ ସାମନ୍ତସିଂହାରଙ୍କର ସ୍ମୃତିସଭା ନୃସିଂହ ଚରଣ ସାମନ୍ତସିଂହାର ସ୍ମୃତି କମିଟି ଏବଂ ସାହିତ୍ୟ ସିନ୍ଦୁରାର ମିଳିତ ଆନୁକୂଲ୍ୟରେ ଶୁଭ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଖୋର୍ଦ୍ଧା ସ୍ଥିତ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଆଇନଜୀବି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ସମ୍ମାନିତ ଅତିଥି ଭାବେ ବିଶ୍ୱମୁକ୍ତି ସାହିତ୍ୟ ପତ୍ରିକାର ସମ୍ପାଦକ ଡ଼କ୍ଟର ଶଶାଙ୍କ ଶେଖର ଚୂଡ଼ାମଣି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଲେଖିକା ବିମଳା ସିଂହ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତସିଂହାରଙ୍କ ଅନାଲୋଚିତ ଘଟଣା ବହୁଳ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମା ଭଗବତୀ ଓ ନୃସିଂହ ଚରଣ ସାମନ୍ତସିଂହାରଙ୍କ ଫୋଟୋ ଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ମା ଭଗବତୀ କଳା ନିକେତନର ଶିଳ୍ପୀ ମାନେ ବନ୍ଦେମାତରମ, ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ । ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ହୋତା ଅତିଥି ପରିଚୟ ପ୍ରଦାନ ସହ ମଂଚ ସଂଚାଳନ କରିଥିଲେ । କବୟିତ୍ରୀ ସ୍ମୃତି ପଟ୍ଟନାୟକ ଙ୍କ ସଂଯୋଜନା ରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ କୈଳାଶ ଚନ୍ଦ୍ର ହୋତାଙ୍କ ଲିଖିତ ସମୃଦ୍ଧ ବାଣପୁର ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ମେଧାବୀ ଛାତ୍ର ବୈଭବ ପଟ୍ଟନାୟକଙ୍କୁ ସ୍ମୃତି ଫଳକ ପ୍ରଦାନ ଏବଂ ଛାତ୍ରୀ ସୁଶ୍ରୀ ସ୍ୱାଗତିକା ଖୁଂଟିଆ, ସୁଶ୍ରୀ ଦେବସ୍ମିତା ଜେନାଙ୍କୁ ପୁରସ୍କୃତ କରାଯାଇଥିଲା । ସାହିତ୍ୟ ସିନ୍ଦୁରା ର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ଅଧ୍ୟାପକ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ।

ସିଥୋ ଆରମ୍ଭ
SEITHO ARAMBHA
ସୋମବାର, ୧୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ 'ନେତୃତ୍ୱର ଶିକ୍ଷା: ଡ ସନକ ମିଶ୍ରଙ୍କ ସହ ଆଲୋଚନା' ଶୀର୍ଷକ ଅଧିବେଶନ ଆୟୋଜିତ

ରାଉରକେଲା, ୧୮/୧୦ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ପକ୍ଷରୁ ଅକ୍ଟୋବର ୧୬ ତାରିଖ ରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ 'ନେତୃତ୍ୱର ଶିକ୍ଷା: ଡ. ସନକ ମିଶ୍ରଙ୍କ ସହ ଆଲୋଚନା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡ. ସନକ ମିଶ୍ର ମୁଖ୍ୟ ବକ୍ତା ଏବଂ ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଅତନୁ ଭୌମିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅଧିବେଶନରେ ୫୦୦ ଜଣ କର୍ମଚାରୀ ଅଂଶଗ୍ରହଣ କରି ତିନିଜଣ ବିଶିଷ୍ଟ ନେତୃତ୍ୱଙ୍କ ଅଭିଜ୍ଞତାରୁ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ । ନିଜ ଅଭିଭାଷଣରେ ଡ. ମିଶ୍ର ଅଂଶଗ୍ରହଣକାରୀମାନଙ୍କୁ ଏକ ଅସାଧାରଣ ଯାତ୍ରାରେ ସାମିଲ କରିଥିଲେ । ଏହି ଯାତ୍ରାରେ ୨୦୦୦ ମସିହାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ରାଉରକେଲା ଇସ୍ପାତ କାରଖାନାର ଐତିହାସିକ ପୁନରୁତ୍ଥାନର ଗାଥା ସହିତ ଜଣେ ନାୟକଙ୍କୁ ପ୍ରକୃତରେ ନାୟକ କରୁଥିବା ଦର୍ଶନର ଗଭୀରତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ନେତୃତ୍ୱ ପରିସ୍ଥିତି ଓ ପରିବେଶ ଅନୁସାରେ ଗଢ଼ିଉଠେ; ଏହା କୌଣସି ସାଧାରଣ ସୂତ୍ର ଉପରେ ନୁହେଁ, ବରଂ ନିର୍ଦ୍ଦିଷ୍ଟ ପରିବେଶର ବାସ୍ତବତା ଉପରେ ଏହା ଆଧାରିତ । ନେତୃତ୍ୱର ମୌଳିକ ସ୍ତମ୍ଭଗୁଡ଼ିକ ବିଷୟରେ ବ୍ୟାଖ୍ୟା କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରକୃତ ନେତୃତ୍ୱ ନିଜ ଭିତରୁ ଆରମ୍ଭ ହୁଏ ଏବଂ ଏହାର ମୂଳଦୁଆ ହେଉଛି ମୂଲ୍ୟବୋଧ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା । ନିଜର ଚିନ୍ତାଧାରା, ଆଚରଣ ଓ କାର୍ଯ୍ୟ ମାଧ୍ୟମରେ ଅନ୍ୟମାନଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ହିଁ ଏହାର ମୂଳ ଉଦ୍ଦେଶ୍ୟ । ଡ. ମିଶ୍ର କହିଥିଲେ, "ତଥ୍ୟ ଓ ସୂଚନାର ଅଭାବ ନାହିଁ, କିନ୍ତୁ ପ୍ରକୃତ ନେତୃତ୍ୱ ପାଇଁ 'ପ୍ରଜ୍ଞା' ଅର୍ଥାତ୍ ଗଭୀର ଅନୁଶୀଳନ ଆବଶ୍ୟକ । ଏହି ଅନୁଶୀଳନ ହିଁ ଜଣେ ନାୟକଙ୍କୁ ବିଭିନ୍ନ ତଥ୍ୟ ମଧ୍ୟରେ ସମ୍ପର୍କ ସ୍ଥାପନ, ନୂତନ ଉଦ୍ଭାବନ ଓ ବିଜୟୀ ରଣନୀତି ପ୍ରସ୍ତୁତ କରିବାରେ ସକ୍ଷମ କରେ; କେବଳ ସ୍ୱଳ୍ପକାଳୀନ ସମାଧାନ ଖୋଜିବାରେ ନୁହେଁ ।" କାର୍ଯ୍ୟକ୍ରମରେ ଏକ ଆଲୋଚନାତ୍ମକ ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ଅନେକ ଯୁବ କର୍ମଚାରୀ ଉତ୍ସାହର ସହ ଭାଗ ନେଇ ଆସି ଆକାଂକ୍ଷା, ସୁଖ, ପ୍ରେରଣା, ବ୍ୟକ୍ତିଗତ ଦାୟିତ୍ୱ, ପ୍ରତିଭାବାନ କର୍ମଚାରୀଙ୍କୁ ସଂସ୍ଥାରେ ରଖିବା ଏବଂ ନେତୃତ୍ୱରେ ମହିଳାଙ୍କ ଭୂମିକା ଭଳି ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରିଥିଲେ । ଡ. ମିଶ୍ର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗଭୀର ଜ୍ଞାନ ଓ ଅନୁଭବର ଆଧାରରେ ଦେଇ ବିଷୟଗୁଡ଼ିକର ଏକ ସାମଗ୍ରିକ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ଡ. ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ଦାର୍ଶନିକ ଭିତିକୁ ଡ. ଅତନୁ ଭୌମିକ ତାଙ୍କର ୩୬ ବର୍ଷର କାରଖାନା କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତାରୁ ମିଳିଥିବା ବ୍ୟବହାରିକ ଜ୍ଞାନ ଦ୍ୱାରା ଆହୁରି ସମୃଦ୍ଧ କରିଥିଲେ । ନିଜ ଅଭିଭାଷଣରେ ସେ କର୍ମଚାରୀମାନଙ୍କୁ ଜଟିଳ ସମସ୍ୟାର ସମାଧାନ ପାଇଁ ଦକ୍ଷତା ବିକାଶ, ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ସାହସ, ନିରନ୍ତର ଶିଖିବା ପାଇଁ ନମ୍ରତା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ପାଇଁ ସହାନୁଭୂତି ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ, "ରାଉରକେଲା ଇସ୍ପାତ କାରଖାନା ଯେପରି ସେଲର ମୁକୁଟର ମଣି ହୋଇ ରହିବ, ତାହା ସୁନିଶ୍ଚିତ କରିବା ଆପଣମାନଙ୍କ ଦାୟିତ୍ୱ ।" ଡ. ମିଶ୍ରଙ୍କ ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟକ ଅଧିବେଶନ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରି ଶ୍ରୀ ବର୍ମା କହିଥିଲେ ଯେ କାରଖାନାର କର୍ମଚାରୀ ଓ ସେମାନଙ୍କ ପରିବାର ଏହାକୁ ଏହାର ସଙ୍କଟପୂର୍ଣ୍ଣ ସମୟରୁ ଉଦ୍ଧାର କରି ଏକ ଲାଭଜନକ ଓ ସମୃଦ୍ଧ ଶିଳ୍ପ ପ୍ରତିଷ୍ଠାନରେ ପରିଣତ କରିଥିବାରୁ ତାଙ୍କ ପ୍ରତି ଗଭୀର ଭାବେ କୃତଜ୍ଞ । ସେ କହିଥିଲେ, "ଆଜି ଆମେ ଡ. ମିଶ୍ରଙ୍କ ସେହି ଐତିହାସିକ ପ୍ରୟାସର ସୁଫଳ ଉପଭୋଗ କରୁଛୁ, ଯାହା ରାଉରକେଲା

ବନମାଳିପୁର ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ଖଣ୍ଡପଡ଼ା, ୧୮/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆଂଚଳିକ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ୩୮ ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଂଟ ରବିବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ କ୍ରିକେଟ କ୍ଲବ ଓ କଟକ ସାଗର ସାଇ ଇଲେଭେନ ସ୍ପୋର୍ଟସ କ୍ଲବ ପରସ୍ପରକୁ ଭେଟିଥିଲେ । ପ୍ରଥମେ ଟସ ଜିତି ଆଇଆରସି ଭିଲେଜ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୨୪ ରନ କରିଥିଲା । ଜବାବରେ ସାଗର ସାଇ ଇଲେଭେନ କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ମାତ୍ର ୧୬୮ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ସୌରଭ ଦାସ ୪୨ ବଲରୁ ୧୦୫ ରନର ଆକର୍ଷଣୀୟ ପାଳି ଖେଳି ଓ ବୋଲିଂରେ ୩ ଓଭରରେ ମାତ୍ର ୨୪ ରନ ଦେଇ ଗୋଟିଏ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଅଭିମନ୍ୟୁ ଦାସ ଓ ଜିତେନ୍ଦ୍ର କୁମାର ସାହୁ ମ୍ୟାଚକୁ ପରିଚାଳନା କରିଥିଲେ । ବନମାଳିପୁର ପଂଚାୟତ ସରପଂଚ ବାସନ୍ତୀ ବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ଆଂଚଳିକ ସ୍ପୋର୍ଟସ କ୍ଲବର ଉପଦେଷ୍ଟା ଗଦାଧର ତ୍ରିପାଠୀ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ସୋମବାର କଟକ ବିଏନସିସି କ୍ଲବ ଓ ବାଙ୍କୀ ଆଥଲେଟିକ ଆସୋସିଏସନ ମଧ୍ୟରେ ୨ ୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଂଟ ଆୟୋଜକ ଦଳର ସଦସ୍ୟ ଧୀରେନ ତ୍ରିପାଠୀଙ୍କ ଠାରୁ ପ୍ରକାଶ ।

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ 'ନୂତନ ଓଏଚ୍ଏସ୍ଡବ୍ଲ୍ୟୁସି କୋଡ୍' ଉପରେ ଆଲୋଚନାଚକ୍ର ଆୟୋଜିତ

ସେଲ୍, ୧୮/୧୦ (ଆ.ପ୍ର) : ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସମାଗମ ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୫ ତାରିଖ ରେ 'ନୂତନ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟକ୍ଷେତ୍ର ପରିସ୍ଥିତି (ଓଏଚ୍ଏସ୍ଡବ୍ଲ୍ୟୁସି) କୋଡ୍' ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୬୦ ରୁ ଅଧିକ ବିଭାଗୀୟ ଓ ଆଂଚଳିକ ସୁରକ୍ଷା ଅଧିକାରୀ ଏବଂ ଏଚ୍ଆର୍ ଅଧିକାରୀ ଯୋଗ ଦେଇଥିଲେ । ବିଶେଷ ଭାବରେ, ଏହି କୋଡ୍ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟକ୍ଷେତ୍ର ପରିସ୍ଥିତି ସମ୍ବନ୍ଧୀୟ ନିୟମଗୁଡ଼ିକୁ ଏକତ୍ରିତ ଓ ସରଳୀକୃତ କରୁଛି, ଯେଉଁଥିରେ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟସ୍ଥଳ ବଜାୟ ରଖିବା ନିଯୋଜକଙ୍କ ଦାୟିତ୍ୱ ଭାବରେ ଏକ ମୁଖ୍ୟ ପ୍ରାବଧାନ ଅନ୍ତର୍ଗତ ରହିଛି । ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଏସଏସ ରାଉତ ମୁଖ୍ୟ ବକ୍ତା ଭାବରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ମଂଚରେ ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଓ ଅଗ୍ନିଶମ ସେବା) ହୀରାଲାଲ ମହାପାତ୍ର, ମହାପ୍ରବନ୍ଧକ (ସୁରକ୍ଷା ଇଞ୍ଜିନିୟରିଂ) ଅବକାଶ ବେହେରା ମଧ୍ୟ ଉପସ୍ଥିତ ଥିଲେ । ଏହି ଆଲୋଚନାଚକ୍ର ଜ୍ଞାନ ଆଦାନପ୍ରଦାନ ଏବଂ ଆଲୋଚନା ପାଇଁ ଏକ ମୂଲ୍ୟବାନ ମଂଚ ପ୍ରଦାନ କରିଥିଲା, ଯାହା ଅଂଶଗ୍ରହଣକାରୀ ମାନଙ୍କୁ ନୂତନ ଓଏଚ୍ଏସ୍ଡବ୍ଲ୍ୟୁସି କୋଡ୍‌ର ଆଇନଗତ ଢାଂଚା ଏବଂ ଶିଳ୍ପ ସୁରକ୍ଷା ପରିଚାଳନା ଉପରେ ଏହାର ପ୍ରଭାବ ବିଷୟରେ ସେମାନଙ୍କର ଧାରଣାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥିଲା । ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ରାଉତ ନୂତନ ଓଏଚ୍ଏସ୍ଡବ୍ଲ୍ୟୁସି କୋଡ୍‌ର ମୁଖ୍ୟ ପ୍ରାବଧାନଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସେ ବୃତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷେତ୍ର ପରିସ୍ଥିତିରେ ସୁଧାର ଆଣିବା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକରେ ଆଇନଗତ ଅନୁପାଳନକୁ ବୃଦ୍ଧି କରିବାରେ ଏହି କୋଡ୍‌ର ଗୁରୁତ୍ୱ ବିଷୟରେ ବୁଝାଇଥିଲେ । ନିଜ ଅଭିଭାଷଣରେ ହୀରାଲାଲ ମହାପାତ୍ର ସୁରକ୍ଷା ଆବଶ୍ୟକତାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ସୁରକ୍ଷା ଅଧିକାରୀ ଏବଂ ଏଚ୍ଆର୍ ଅଧିକାରୀଙ୍କ ମଧ୍ୟରେ ନିବିଡ଼ ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ, ଯେତେବେଳେ କି ଅବକାଶ ବେହେରା କାରଖାନା ସାରା ସୁରକ୍ଷା ଅଭ୍ୟାସ, ଆଇନଗତ ଅନୁପାଳନ ଏବଂ ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ଉପରେ ଜୋର ଦେଇଥିଲେ । ପ୍ରାରମ୍ଭରେ, ଅବକାଶ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସହକାରୀ ମହାପ୍ରବନ୍ଧକ (ଏସଇଡି) ବି କେ ପାଢ଼ୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ, ଏବଂ ବରିଷ୍ଠ ପ୍ରବନ୍ଧକ ଏସ ଆର ଭିଶ୍ୱାଳ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠରେ ମା' ଦୁର୍ଗାଙ୍କ ଦର୍ଶନ କଲେ ସାଂସଦ

ଅନୁଗୋଳ/ଢେଙ୍କାନାଳ, ୧୮/୧୦ (ଆ.ପ୍ର) : ପବିତ୍ର ମହାଷ୍ଟମୀ ତଥା ଦୁର୍ଗାପୂଜାର ମଙ୍ଗଳମୟ ଅବସରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଏବଂ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠ ଓ ପୂଜା ମଣ୍ଡପ ପରିଦର୍ଶନ କରି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଦିବ୍ୟ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଶ୍ରୀ ପ୍ରଧାନ ଆଜି ପ୍ରଥମେ ଢେଙ୍କାନାଳ ଜିଲ୍ଲା ଆମ୍ବିଠି ସ୍ଥିତ ପ୍ରସିଦ୍ଧ ମା' ବନଦୁର୍ଗା ମନ୍ଦିରରେ ଉପସ୍ଥିତ ହୋଇ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ମତପ୍ରକାଶ କରି କହିଛନ୍ତି ଯେ, 'ଜଗଜ୍ଜନନୀ

ମା' ଦୁର୍ଗା ହେଉଛନ୍ତି ଅଧର୍ମ ଓ ନକରାତ୍ମକତା ଉପରେ ସତ୍ୟ ଓ ଧର୍ମର ବିଜୟର ପ୍ରତୀକ । ମା' ସମସ୍ତ ଶକ୍ତି, କରୁଣା, ଆସ୍ଥା ଓ ବିଶ୍ୱାସର ନିରନ୍ତର ସ୍ରୋତ । ମା'ଙ୍କ କୃପାରୁ ହିଁ ମାନବ ସମାଜରେ ଉଦାରତା ଓ ସଦ୍ଭାବ ପ୍ରତିଷ୍ଠିତ ହୋଇଥାଏ ।' ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାର ଜରପଡ଼ା ସ୍ଥିତ ବାର୍ଷିକ ଦୁର୍ଗାପୂଜା ଉତ୍ସବ, ବଉଣ୍ଡା ସ୍ଥିତ ମଣ୍ଡପ, ଆଠମଲ୍ଲିକର ଡେବରାପାଲି ଏବଂ ବାମୁର ସ୍ଥିତ ବିଭିନ୍ନ ପୂଜାମଣ୍ଡପରେ ଦର୍ଶନ କରିଥିଲେ । ମା'ଙ୍କ ଅହେତୁକ କୃପା ସମାଜରେ ଶାନ୍ତି, ସମରସତା ଏବଂ ଆଧ୍ୟାତ୍ମିକତାର ଏକ ନୂତନ ଚେତନା ଓ ସକରାତ୍ମକ ପରିବେଶ ସୃଷ୍ଟି କରିଛି ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ମା'ଙ୍କ ପାଖରେ ଜଗତର କଲ୍ୟାଣ କାମନା କରିଛନ୍ତି ।

ପ୍ରଥମ ଜିଲ୍ଲାସ୍ତରୀୟ ୱକଫେନୌ ଇଜତେମା ଉଦ୍‌ଘାଟିତ

ଖୋର୍ଦ୍ଧା, ୧୮/୧୦ (ଆ.ପ୍ର) : ସନ୍ତାନଙ୍କୁ ସୁଶିକ୍ଷା ଦେବା ବାପମା'ଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ବିଦ୍ୟା ଅର୍ଜନ କରିବା ଓ ସଂସ୍କାରୀ ହେବା ସମସ୍ତ ବର୍ଗର ମୁସଲମାନଙ୍କ ପାଇଁ ଆବଶ୍ୟକ ବୋଲି ଜିଲ୍ଲା ସ୍ତରୀୟ ୱକଫେନୌ ବାର୍ଷିକ ଇଜତେମାର ଉଦଘାଟନ ଅବସରରେ ମତ ପ୍ରକାଶ ପାଇଛି । କେରଙ୍ଗ-ମହମ୍ମଦାବାଦ ସ୍ଥିତ ଅହମଦୀୟା ମୁସଲିମ ମସଜିଦ ନାସିର ଠାରେ ୱକଫେନୌ ସନ୍ତାନମାନଙ୍କର ଦୁଇ ଦିବସୀୟ ବାର୍ଷିକ ଇଜତେମାରେ କେରଙ୍ଗ ସଭାପତି ଓସିମ ଅହମଦ ଖାଁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଇନଚାର୍ଜ ମୌଲାନା ହଲିମ ଅହମଦ ଯୋଗଦେଇ ସନ୍ତାନଙ୍କ ପ୍ରତି ବାପମା'ଙ୍କ ଦାୟିତ୍ୱ ତଥା ସନ୍ତାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପିଲାଟି ଦିନରୁ ସତ୍ ବଚନ କହିବା, ସତ୍ କର୍ମ କରିବା । ସତ୍ ମାର୍ଗ ଆପଣାଇବା ତଥା ସଂସ୍କାରୀ ହେବା ବିଷୟରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପବିତ୍ର କୋରାନ ପାଠ ତସଲିମ ଅହମଦ ଆବୃତି କରିଥିବା ବେଳେ ଉର୍ଦ୍ଦୁ ନଜମ ତାସିଫ କରିମ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହମ୍ମଦାବାଦ ସଭାପତି ସେକ ଓଲିମୁଦ୍ଦିନ, ଜିଲ୍ଲା ଯୁବସଂଗଠନ ମଜଲିସ ଖୁଦାମୁଲ ଅହମଦୀୟାର ସଭାପତି ସୋଲେମାନ ଖାଁ, ଜିଲ୍ଲା ବୃଦ୍ଧସଂଗଠନ ମଜଲିସ ଅନସାରୁଲ୍ଲାର ସଭାପତି ଅଜିଜୁଲ୍ଲା ଖାଁ ଏବଂ ଜିଲ୍ଲା ୱକଫେନୌ ସଚିବ ମୋଇନୁଦ୍ଦିନ ଖାଁ ଯୋଗଦେଇଥିଲେ । ଏହି ଇଜତେମାରେ ୱକଫେନୌ ପିଲାମାନଙ୍କର ବକ୍ତୃତା, କୁରାନ, ନଜମ, ପବିତ୍ର କୋରାନ ଆବୃତି ଏବଂ କ୍ରୀଡା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି ।

ଜଳେଶ୍ୱରରେ ଶିଶୁ ସୁରଭି ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର, ୧୮/୧୦ (ଆ.ପ୍ର) : ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋପାଳପୁର ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ସୁରଭି ମହୋତ୍ସବ-୨୦୨୬ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଗୋପାଳପୁର ଆଂଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୧୬ଟି ବିଦ୍ୟାଳୟରୁ ପ୍ରାୟ ୬୦୦ ଛାତ୍ରଛାତ୍ରୀ ଏବଂ ୧୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ କୁମାର ଦତ୍ତ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଗୋପାଳପୁର ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ସତ୍ୟବ୍ରତ କାପୁଡ଼ି ଏବଂ ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଜେନା ଉପସ୍ଥିତ ଥିଲେ । ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୋଟ ୨୩ଟି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ଗୁଡ଼ିକୁ ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଶେଶ୍ୱର ଘଡ଼େଇ ଏବଂ ଶୁଭମ୍ କୁମାର ନାୟକ ତଥା ଅନ୍ୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ଅନ୍ୟାନ୍ୟ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରତିଯୋଗିତାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ଉକ୍ତ ଦିବସର ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତ ମହାଳିକ, ସମର୍ସେନ୍ ସର୍ଦ୍ଦାର, ମିନାକ୍ଷୀ ଗାନ୍ଧୀ, ଲତିକା ସି, ମଞ୍ଜୁଲତା ଗିରି, ସଞ୍ଜୟ କୁମାର କୁଇଲା, ପୁଷ୍ପଲତା ଜେନା, ବଳରାମ ମୁର୍ମୁ, ସୁଚିସ୍ମିତା ବେହେରା, ସୋନାଲି ସୋରେନ, ଅର୍ଣ୍ଣିମିଲ ଟୁଡୁ ଏବଂ ନୀଳକଣ୍ଠ ଜେନା ସୁପରିଚାଳନା କରିଥିଲେ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଣଶିକ୍ଷକ କର୍ମଚାରୀ ପ୍ରଦୀପ କୁମାର ଘୋଷ, ମୋନରଞ୍ଜନ ବେହେରା, ବିଶ୍ୱଜିତ୍ ଦାସ ସହଯୋଗ କରିଥିଲେ । ଉକ୍ତ ଦିବସର ଅପରାହ୍ନର, ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଜେନାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଓ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ଜଳେଶ୍ୱର ବ୍ଲକ୍‌ର ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ସୁରଭିର ଆଭିମୁଖ୍ୟକୁ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କଠାରେ ଉପସ୍ଥାପନ କରିବା ସହିତ, ଆସନ୍ତା ନଭେମ୍ବର ୧୪ ତାରିଖ ପବିତ୍ର ଶିଶୁ ଦିବସ ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା ଆୟୋଜକ ଭାବେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜୁନିଅର ରେଡ଼କ୍ରସ, ବାଲେଶ୍ୱରର ସହଯୋଗରେ ଆୟୋଜିତ ହେବାର ସୂଚନା ଦେଇ ଏହାକୁ ସଫଳ କରିବା ପାଇଁ ଏ କ୍ଲଷ୍ଟର ର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ତଥା ସେଠାରେ ଉପସ୍ଥିତ ଥିବା ଭଦ୍ରବ୍ୟକ୍ତିଙ୍କ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ବାଲେଶ୍ୱର ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼େଇ ମୁଖ୍ୟବକ୍ତା ଭାବେ ଶିଶୁର ସୃଜନଶୀଳତା ବିକାଶ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ପିତାମାତାଙ୍କର ଭୂମିକା ସମାନ ପରିମାଣର ରହିଛି ଏବଂ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଜେନା ଲୋକାୟିତ ପ୍ରତିଭାର ଉନ୍ମୋଚନ ଏତିକି ବେଳେ ସମ୍ଭବ ଯେତେ ପର୍ଯ୍ୟନ୍ତ ତାଙ୍କ ନିଜସ୍ୱ ମାତୃଭାଷା 'ଓଡ଼ିଆ' ସମୃଦ୍ଧ ନହେଲେ ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ସମ୍ଭବ ନୁହେଁ, ବୋଲି ମତବ୍ୟକ୍ତ କରିଥିଲେ । ମଂଚରେ,ତାପସ କୁମାର ଦତ୍ତ, ଅଧ୍ୟକ୍ଷ, ବିଦ୍ୟାଳୟ ପରିଚାଳନା କମିଟି, ଚଣ୍ଡୀପ୍ରସାଦ ଦାସ, ସଭାପତି, ପଂଚସଖା ଶିକ୍ଷାସେତୁ, ସୁକୁମାର ମିଶ୍ର, ଓଷ୍ଟା ସଭାପତି ଜଳେଶ୍ୱର ମଣ୍ଡଳ, ହରମୋହନ ମହାନ୍ତି, ଓଷ୍ଟା ସମ୍ପାଦକ ରାଇବଣିଆ ମଣ୍ଡଳ, ପଂଚସଖା ଶିକ୍ଷାସେତୁର ସଦସ୍ୟ ଅଚିନ୍ତ ନାରାୟଣ ଜେନା, ଅଧ୍ୟାପିକା ମମତା ଜେନା ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମର ଆବାହକ ସତ୍ୟବ୍ରତ କାପୁଡ଼ି, ତଥା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ(ଗୋପାଳପୁର)ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉପସ୍ଥିତ ଥିଲେ । ଗୋପାଳପୁର ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ସତ୍ୟବ୍ରତ କାପୁଡ଼ି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନାରାୟଣ ପାଇକରାୟ, ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଓଲମରା ପରିଚାଳନା କରିଥିଲେ ଏବଂ ପୁରସ୍କାର ବିତରଣରେ ସହକାରୀ ଶିକ୍ଷକ ବିଶ୍ୱେଶ୍ୱର ଘଡ଼େଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିଥିଲେ । କଳା ଶିକ୍ଷକ(ପିଟିଆଇ) ଶୁଭମ୍ କୁମାର ନାୟକଙ୍କ ନେତୃତ୍ୱରେ ସାଜସଜ୍ଜା ଅତ୍ୟନ୍ତ ଉଚ୍ଚକୋଟୀର ଥିବା ସ୍ଥଳେ କ୍ରୀଡ଼ା ଶିକ୍ଷକ ନୀଳକଣ୍ଠ ଜେନା ପ୍ୟାରେଡ ଓ ସ୍ଲୋ ମାର୍ଚ୍ଚ ଏବଂ ଶାନ୍ତିଶୃଙ୍ଖଳା ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁରୂପେ ସମ୍ପାଦନ କରିଥିଲେ । ପରିଶେଷରେ, ହରେନ୍ଦ୍ର ମହାନ୍ତ, ବରିଷ୍ଠ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଓଲମରା ମଂଚରେ ଥିବା ମୁଖ୍ୟ ଅତିଥି, ମୁଖ୍ୟବକ୍ତା, ସଭାପତି,ସମ୍ମାନିତ ଅତିଥି ଧନ୍ୟବାଦ ଅର୍ପଣ ସହିତ ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଅଣଶିକ୍ଷକ କର୍ମଚାରୀ ଏବଂ ଗୋପାଳପୁର ଅଂଚଳିକ ସାଧନ କେନ୍ଦ୍ରର ଉପସ୍ଥିତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୨୮ ତାରିଖ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସରକାରୀ ଉଚ୍ଚ ବିଦ୍ୟାଳୟ, ଖାଲିନା ଠାରେ ଅଂଶ ଗ୍ରହଣ କରିବେ ବୋଲି ଘୋଷଣା କଲେ ।

ଐତିହାସିକ ସାଲେଭଟା ମାଁ ପାଟଣେଶ୍ୱରୀ ମନ୍ଦିର ବଏଲ ଯାତ୍ରା ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୮/୧୦ (ଆ.ପ୍ର) : ଆଗଲପୁର ବ୍ଲକ ସାଲେଭଟା ଗ୍ରାମ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ସମଲେଶ୍ୱରୀ ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି । ୧୫୦୦ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରଟି ରାଜା ବଳରାମ ଦେଓ ଭାଇ ଭାଗ ପାଇ ସ୍ଥାପନ କରିଥିଲେ । ମାଁ ପାଟଣେଶ୍ୱର ପାଟଣାମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ବା ସମ୍ବଲପୁର ମୁହାଁ ହୋଇଛନ୍ତି । ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ରାଜାଙ୍କ ଖମାରରେ ପୂଜା ପାଉଛନ୍ତି । ଦଶହରା ଏବଂ ଚଇତ ପରବରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଏ । ଏ ବର୍ଷ ବଏଲ ଯାତ୍ରା ପାଇଁ ମନ୍ଦିର କମିଟି ପ୍ରସ୍ତୁତି ଜୋରସୋର ଆରମ୍ଭ କରିଥିବା ବେଳେ ୧୮ତାରିଖ ସନ୍ଧ୍ୟା ସମୟରୁ ମାଁ ପାଟଣେଶ୍ୱର ବଏଲ ଯାତ୍ରା ନଗର ପରିକ୍ରମା କରିବ, ୧୯ ତାରିଖ ଦିନ ମନ୍ଦିର ପ୍ରବେଶ କରିବେ । ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ନିଷ୍ପତି ନେଇଥିବା ମନ୍ଦିର କମିଟି । ମାଁଙ୍କ ନବରାତ୍ରୀ ପୂଜା ଆରମ୍ଭ ହୋଇଥିବା ପ୍ରଥମ ଦିନରୁ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ପ୍ରତ୍ୟେକ ଦିନ ହୋମଯଜ୍ଞ ଓ ଚଣ୍ଡିପାଠ ହେଉଛି । ସନ୍ଧ୍ୟା ସମୟରେ ମହା ଆଳତି ସହ ଘଂଟବାଦ୍ୟ ହୁଳହୁଳି ସହ ମାଁଙ୍କ ମହା ଆଳତି ହେଉଛି । ଏଥିରୁ ଆଖ ପାଖ ଗାଁର ଭକ୍ତମାନଙ୍କର ସୁଅ ଛୁଟୁଛି । ଚଣ୍ଡିପାଠ କରୁଛନ୍ତି ପଣ୍ଡିତ କବିରାଜ ମିଶ୍ର ଏବଂ ମନ୍ଦିରର ପୂଜକ ପ୍ରକାଶ ଦିସ୍ରୀ ସହଯୋଗ କରୁଛନ୍ତି । ମନ୍ଦିର କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି । ମନ୍ଦିର କମିଟି ନିଷ୍ପତି ଅନୁଯାୟୀ ଦିର୍ଘ ବର୍ଷର ମାଁ ଗମ୍ଭିରାରେ ପୂଜା ପାଉଥିବା ବେଳେ ଏ ବର୍ଷରୁ ନୂତନ ଗମ୍ବୁଜ ନିର୍ମାଣ ପାଇଁ ଭୂମିପୂଜନ ଓ କାର୍ଯ୍ୟଆରମ୍ଭ ହେଉଛି । ଏଥିରେ ପାଟଣାଗଡ ମାଁ ପାଟଣେଶ୍ୱରୀ ମନ୍ଦିର, ସମ୍ବଲପୁରର ମାଁ ସମଲେଶ୍ୱରୀ ଏବଂ କଳାହାଣ୍ଡିର ମାଁ ମାଣିକେଶ୍ୱରୀ ଙ୍କ ମନ୍ଦିର ସ୍ଥାନ ପାଇବ । ଦୁଇ କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିରେ ପ୍ରସ୍ତାବ ଦେଇଛି ।

ସେଇଠୁ ଆରମ୍ଭ
SEITHO ARAMBHA

ସୋମବାର, ୧୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଶାରଦୀୟ ଅଭିନନ୍ଦନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଟାଙ୍ଗୀ / ଚୌଦ୍ୱାର, ୧୮/୧୦ (ଆ.ପ୍ର) : ପବିତ୍ର ଦୁର୍ଗାପୂଜା ଅବସରରେ ଗାଁଠୁ ସହର ସବୁଠି ବହୁ ଆଡମ୍ବରରେ ପୂଜା ପାଳିତ ହେଉଥିବା ବେଳେ ଚୌଦ୍ୱାରର ପ୍ରସିଦ୍ଧ ଐତିହାସିକ ଭୁପଯାତ୍ରା ପାଇଁ ଜଗତପୁର ସ୍ଥିତ ଡାକବଙ୍ଗଳା ପରିସରରେ ଏକ ଶାରଦୀୟ ଅଭିନନ୍ଦନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇ ଭୁପଯାତ୍ର ଉପଲକ୍ଷେ ଚୌଦ୍ୱାର ଅଂଚଳର ମୋଟ ୪୩ଟି ମେଢ଼ କମିଟିର ସଭାପତି, ସମ୍ପାଦକ, ଯାତ୍ରା କମିଟି ସଦସ୍ୟ, ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠିଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରସିଦ୍ଧ ଐତିହାସିକ ଭୁପଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତେ ନିଷ୍ଠାର ସହ ସହଯୋଗ କରିବା ପାଇଁ ନିବେଦନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ହିନ୍ଦସେବକ ସଂଘର ରାଷ୍ଟ୍ରୟ ଅଧକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌରପାଳିକା ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, (ଏସିପି) ଅରୁଣ ସ୍ୱାଇଁ, ଚୌଦ୍ୱାର ଥାନା (ଆଇଆଇସି)ବିକାଶ ସେଠି, ଆଡିସନାଲ ତହସିଲଦାର, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଭୁପଯାତ୍ର କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ ସମେତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

ଭୋଦରରେ ଶାରଦୀୟ ଦୁର୍ଗା ପୂଜା ପୋଲିସ ସୁରକ୍ଷା କଡ଼ାକଡ଼ି

ନିମାପଡା, ୧୮/୧୦ (ଆ.ପ୍ର) : ପରମ୍ପରା ଅନୁଯାୟୀ ମା' ଦୁର୍ଗାଙ୍କ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଛି । ଭଦ୍ରେଶ୍ୱର ମହାଦେବଙ୍କ ପିଠରୁ ତୀର୍ଥ ଜଳ ଓ ଅକା ମା'ଙ୍କୁ ପୂଜାର୍ଚ୍ଚା କରି ଅଣା ଯାଇ ବିଲ୍ୱ ଗଛ ପୂଜା ସରିବା ପରେ ମା'ଙ୍କର ଚକ୍ଷୁ ଦାନ ହୋଇଥାଏ । ଚକ୍ଷୁ ଦାନ ହେବା ସଂଗେ ସଂଗେ ପାଣି କଖାରୁ ଓ ଆଖୁ ବଳି ଦିଆଯାଇଥାଏ । ନୀତିକାନ୍ତି ଅନୁସାରେ କଳାଧୀବାସ, ନବ ପତ୍ରିକା ସ୍ନାନ, ବୋଧନ ଏବଂ ଦେବୀଙ୍କ ହସ୍ତରେ ରକ୍ଷା ସୂତ୍ର ବନ୍ଧନ ଆଦି ନୀତି ସମ୍ପନ୍ନ ହୋଇଛି । ଆସନ୍ତା ୨୦ରେ ବିଜୟା ଦଶମୀ କେତେକ ପାଳୁଥିବା ବେଳେ ମୃଣ୍ମୟୀ ମୂର୍ତ୍ତି ଙ୍କର ୨୧ ରେ ବିଜୟା ଦଶମୀ ପାଳନ କରାଯିବ । ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ମଂଚସ୍ଥ ହେଉଛି । ଭିଡିସି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ୧୭ରୁ ଆରମ୍ଭ ହୋଇଥିବା ସପ୍ତମୀ ପୂଜା ୨୧ ରେ ବିଜୟା ଦଶମୀ ପାଳନ କରାଯିବ । ଜନ ସାଧାରଣଙ୍କ ସୁରକ୍ଷା, ଭିଡନିୟନ୍ତ୍ରଣ, ମେଢ଼ ବିସର୍ଜନ ଶୋଭାଯାତ୍ରା କୁ ଶାନ୍ତି ପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକୀୟ ପୋଲିସ ଦଳ ନିୟୋଜିତ କରାଯାଇଛି । ପୂଜକ ଗୋପାଳ ଘୋଷାଲ କାଲୁ ଘୋଷାଲ ପ୍ରମୁଖ ପୂଜା କାର୍ଯ୍ୟ କରୁଛନ୍ତି ।

ଲାବଣ୍ୟ ମାଝୀ ଯୁବକ ସଂଘ ପକ୍ଷରୁ ମାଆ ଭଣ୍ଡାରୁଣୀ ମନ୍ଦିର ସଫେଇ

ଚନ୍ଦାହାଣ୍ଡି, ୧୮/୧୦ (ଆ.ପ୍ର) : ଗାଁର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହିତ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଲାବଣ୍ୟ ମାଝୀ ଯୁବକ ସଂଘ ପକ୍ଷରୁ କୁନାପାଣି ଗ୍ରାମର ମାଆ ଭଣ୍ଡାରୁଣୀ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ କୁନାପାଣି ଗ୍ରାମରେ ଯୁବକ ସଂଘର ସଦସ୍ୟମାନେ ଏକଜୁଟ ହୋଇ ମନ୍ଦିର ପରିସର ସଫା କରିବା ସହିତ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ସଂଘ ପକ୍ଷରୁ ଗ୍ରାମର ବିଦ୍ୟାଳୟ, ନଳକୂପ ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିରହିଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା । ଯୁବକ ସଂଘର ଏଭଳି ଜନହିତକର ପଦକ୍ଷେପକୁ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଏକ ପ୍ରଶଂସନୀୟ ଉଦ୍ୟମ ଭାବେ ଦେଖାଯାଉଛି । ଗ୍ରାମର ପରିବେଶ ସ୍ୱଚ୍ଛ ରଖିବା ସହ ମନ୍ଦିର ଓ ସାର୍ବଜନୀନ ସ୍ଥାନଗୁଡ଼ିକର ପରିଚ୍ଛନ୍ନତା ବଜାୟ ରଖିବାରେ ଯୁବପିଢ଼ିଙ୍କ ଏହି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ । ଏହି ସଫେଇ କାର୍ଯ୍ୟକ୍ରମରେ ପିଂଟୁ ମାଝୀ, ତୋଲେଶ୍ୱର ମାଝୀ, ନବୀନ ମାଝୀ, କୁଳେଶ୍ୱର ଡଙ୍ଗରି, ଲିପୁନ ମାଝୀ, ଉବିନ ମାଝୀ, ଖମେଶ୍ୱର ମାଝୀ, ଯତୀନ ମାଝୀ, ତୋଳେ ମାଝୀ, ଗୋବିନ୍ଦ ମାଝୀ, ବଦଲୁ ମାଝୀ, ଲକ୍ଷ୍ମଣ କୁରକୁରିଆ ଓ କୁଞ୍ଜ ଗୋଡିଙ୍କ ସମେତ ସଂଘର ସଭାପତି ଭୈରବ ମାଝୀ, ସମ୍ପାଦକ ସୁରେଶ ଡଙ୍ଗରି, କରୁଣାକର ମାଝୀ ଓ ଉମେଶ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଶେଷ ହେଲା ମା' ବିରଜାଙ୍କ ବିଶେଷ ଷୋଡଶପଚାର ପୂଜା ଓ ଯଂଞ୍ଜ, ମହାଷ୍ଟମୀ ଦିନ ଭକ୍ତଙ୍କ ପ୍ରବଳ ଭିଡ଼

ଯାଜପୁର, ୧୮/୧୦ (ଆ.ପ୍ର) : ମହାଷ୍ଟମୀ ଦିନ ମା' ବିରଜାଙ୍କ ବିଶେଷ ଷୋଡଶପଚାର ପୂଜା ଓ ଯଂଜ୍ଞ ଶେଷ ହୋଇଛି । ସେହିପରି ଅଷ୍ଟମ ଦିନରେ ମା'ବିରଜାଙ୍କ ସିଂହଧ୍ୱଜ ରଥ ମା'ଙ୍କ ବେଢା ଚତୁର୍ପାର୍ଶ୍ୱରେ ଭକ୍ତଙ୍କ ଦ୍ୱାରା ରଥ ଟଣା ଜାରି ରହିଥିଲା । ପ୍ରତିପଦା ଠାରୁ ଆରମ୍ଭ ହୋଇଥିବା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସିଂହଧ୍ୱଜ ରଥ ଟଣା ଓ ପାଦ ଦର୍ଶନ ଅଷ୍ଟମ ଦିନରେ ପହଂଚିଛି । ସ ଦ୍ୱିତୀୟାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ନିମନ୍ତେ ବିଶେଷ ଷୋଡଶପଚାର ପୂଜା ରବିବାର ଦିନ ମହାଷ୍ଟମୀରେ ଶେଷ ହୋଇଛି । ଦୁର୍ଗା ପୂଜା ନିମନ୍ତେ ପଂଚମୀ ଠାରୁ ଆରମ୍ଭ ହୋଇଥିବା ଯଂଜ୍ଞ ମହାଷ୍ଟମୀ ରାତ୍ରରେ ପୂର୍ଣ୍ଣାହୁତି ହୋଇ ଶେଷ ହୋଇଛି । ମା'ଙ୍କ ନବରାତ୍ରି ଦର୍ଶନ ଓ ମା'ଙ୍କ ପାଦ ଦର୍ଶନ ନିମନ୍ତେ ମନ୍ଦିରରେ ସକାଳୁ ରାତ୍ର ପର୍ଯ୍ୟନ୍ତ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିବାର ଦେଖିବାକୁ ମିଳିଛି । ରବିବାର ସକାଳୁ ମା' ବିରଜାଙ୍କୁ ବୈତରଣୀ ବ୍ରାହ୍ମଣଙ୍କ ଦ୍ୱାରା ଅଣାଯାଇଥିବା ମାତା ବୈତରଣୀ ଜଳରେ ମାଙ୍କୁ ମହାସ୍ନାନ କରାଯିବା ପରେ ମନ୍ଦିର ପରିସରରେ ଅପେକ୍ଷାରତ ଭକ୍ତ ମାନଙ୍କୁ ମା'ଙ୍କ ପାଦ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା । ପାଦ ଦର୍ଶନ ବନ୍ଦ ହେବା ପରେ ମା'ଙ୍କୁ ସ୍ୱର୍ଣ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ପୂର୍ବାହ୍ନରେ ମାଙ୍କୁ ବଡ଼ ସିଂଗାର ବେଶରେ ସଜ୍ଜିତ କରାଯିବା ପରେ ଗର୍ଭ ଗୃହରେ ବିଶେଷ ଷୋଡଶପଚାର ପୂଜା, ଯଂଜ୍ଞ ମଣ୍ଡପରେ କଳସ ପୂଜା ହୋଇ ନୀତି ଲାଗିବା ପରେ ରଥରେ ବିଜେ ପ୍ରତିମାଙ୍କ ପୂଜା ହେବା ପରେ ପହୁଡ଼ ହୋଇଥିଲା । ଅପରାହ୍ନରେ ପହୁଡ଼ ଖୋଲିବା ପରେ ମା'ଙ୍କ ଶ୍ରୀ ଅଙ୍ଗ ଲାଗି ସେବାୟତ ମାଙ୍କ ଆର୍ଣ୍ଣା ବାଡ଼ି ଧରି ଘଂଟ, ବାଦ୍ୟ, ଦୁନ୍ଦୁଭି, ଚାମର, ଛତା, ତରାଶ ଗହଣରେ ଆସି ଅଷ୍ଟମ ଦିନରେ ପଶ୍ଚିମ ଦକ୍ଷିଣ କୋଣରେ ଥିବା ମା' ବିରଜାଙ୍କ ରଥରେ ରଥାରୁଢ଼ ହେବା ପରେ ମା'ଙ୍କ ଦାଣ୍ଡରେ ଅପେକ୍ଷା କରିଥିବା ଭକ୍ତ ମାନେ ସିଂହଧ୍ୱଜ ରଥକୁ ଟାଣି ନେଇ ଅଷ୍ଟମ ଦିନରେ ପଶ୍ଚିମ ଦକ୍ଷିଣ କୋଣରେ ରଖିଥିଲେ । ରଥ ରହିବା ପରେ ଆର୍ଣ୍ଣା ବାଡ଼ି ରଥରୁ ଓହ୍ଲାଇ ମା'ଙ୍କ ଗର୍ଭ ଗୃହରେ ରହିଥିଲା । ସନ୍ଧ୍ୟା ସାତଟା ପରେ ପୁନଶ୍ଚ ମା'ଙ୍କୁ ବୈତରଣୀ ଜଳରେ ମହାସ୍ନାନ କରାଯାଇ ବେଶ କରାଯିବା ପରେ ଗର୍ଭ ଗୃହରେ ମାଙ୍କର ବିଶେଷ ଷୋଡଶପଚାର ପୂଜାଅନୁଷ୍ଠିତ ହୋଇ ମା'ଙ୍କ ଯଂଜ୍ଞ ମଣ୍ଡପରେ ପଂଚମୀ ଦିନ ଠାରୁ ଯଂଜ୍ଞ ଆରମ୍ଭ ହୋଇଥିବା ଯଂଜ୍ଞ ଅଷ୍ଟମୀ ତିଥିରେ ପୂର୍ଣ୍ଣାହୁତି ହୋଇଥିଲା । ମାଙ୍କର ମହାଷ୍ଟମୀ ଦିନ ବିଶେଷ ଷୋଡଶପଚାର ଶେଷ ହୋଇଛି । ମହାଷ୍ଟମୀ ଦିନ ରୀତି ନୀତି ଅନୁଯାଇ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂଜା କାର୍ଯ୍ୟ ସମ୍ପନ୍ନ ପରେ ମାଙ୍କର ପହୁଡ଼ ହୋଇଥିଲା ।ପରେ ରଥ ଉପରେ ଥିବା ମାଙ୍କ ବିଜେ ପ୍ରତିମାଙ୍କର ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମହାଷ୍ଟମୀ ଦିନ ମା'ଙ୍କ ପାଦ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ପହଡ଼ ଖୋଲିବା ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।, ପଚାଶ ହଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ମା'ଙ୍କର ବିଶେଷ ଦୁର୍ଗା ପୂଜା ପାଇଁ ମା'ଙ୍କ ମନ୍ଦିରକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଛି । ମନ୍ଦିର ପ୍ରଶାସନ ଓ ଯାଜପୁର ପୋଲିସ ପକ୍ଷରୁ ରଥ ଟଣା ଓ ପାଦ ଦର୍ଶନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଯାଉଛି । ରଥ ଦାଣ୍ଡରେ ବିରଜା ସେବା ସମିତି ଓ ଅନ୍ୟାନ୍ୟ ସାହିତ୍ୟ ସଂସଦ ଅଷ୍ଟମ ଦିନରେ ରଥ ଓ ମା' ବିରଜାଙ୍କ ଐତିହ୍ୟ ଉପରେ ଧାରା ବିବରଣୀ ପ୍ରଦାନ କରିଥିଲେ ।

ରାସ୍ତାକଡ଼ରୁ ପୁଲିସ କନେଷ୍ଟବଲଙ୍କ ମୃତଦେହ ଉଦ୍ଧାର, ମୃତ୍ୟୁର କାରଣ ଅସ୍ପଷ୍ଟ

ଗଞ୍ଜାମ, ୧୮/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାରେ ଜଣେ ପୁଲିସ କନେଷ୍ଟବଳଙ୍କ କ୍ଷତବିକ୍ଷତ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର ହେବା ଘଟଣା ଚାଂଚଲ୍ୟ ସୃଷ୍ଟି କରିଛି । ମୃତକ ହେଲେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ କନେଷ୍ଟବଳ ରମା ଶଙ୍କର ସ୍ୱାଇଁ । ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏହା ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ତାହା ସ୍ପଷ୍ଟହୋଇନାହିଁ । ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ ଥିଲେ । ସୂଚନା ଅନୁଯାୟୀ, ରମା ଶଙ୍କରଙ୍କ ନିଜ ଘର ବିଞ୍ଚଗିରି ନିକଟସ୍ଥ ପଥରା ଗ୍ରାମରେ ହୋଇଥିବା ବେଳେ ସେ ଭଞ୍ଜନଗରର ଲଣ୍ଡେଇସାହିରେ ରହୁଥିଲେ । ଗତ ଚାରି ବର୍ଷ ଧରି ସେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ ଥିଲେ । ଶନିବାର ରାତି ପ୍ରାୟ ୯ଟାରେ ସେ ନିଜ ହୋଣ୍ଡା ୟୁନିକର୍ଣ୍ଣ ମୋଟର ସାଇକେଲ ଯୋଗେ ଥାନାରୁ ବାହାରିଥିଲେ । ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡ଼ିପୁର କଲେଜ ନିକଟସ୍ଥ ଏକ ପୋଖରୀ ପାଖରେ ସେ ଓ ତାଙ୍କ ମୋଟରସାଇକେଲ ପଡ଼ିଥିବା ନେଇ ଜଗନ୍ନାଥ୍ ପ୍ରସାଦ ପୁଲିସକୁ ଖବର ମିଳିଥିଲା । ଖବର ପାଇ ଜଗନ୍ନାଥପ୍ରସାଦ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରି ଜଗନ୍ନାଥ ପ୍ରସାଦ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ତାରସିଂ ଥାନାରେ କାର୍ଯ୍ୟରତ ତାଙ୍କ କନେଷ୍ଟବଳ ଭାଇ ଉମା ଶଙ୍କର ସ୍ୱାଇଁଙ୍କୁ ସୂଚନା ଦିଆଯାଇଥିବା ବେଳେ ଜଗନ୍ନାଥପ୍ରସାଦ ଥାନାରେ ଏନେଇ ଅଭିଯୋଗ ହୋଇଛି । ରବିବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯାଇଛି । ପ୍ରାଥମିକ ଭାବେ କୌଣସି ଅଜଣା ଗାଡ଼ି ଧକ୍କା ଦେବା କିମ୍ବା ରାସ୍ତାରେ ହଠାତ୍ ଜଙ୍ଗଲୀ ଜନ୍ତୁ ଆସିଯିବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ତେବେ ମୋଟରସାଇକେଲରେ ଆଖିଦୃଶିଆ କ୍ଷୟକ୍ଷତି ହୋଇନଥିବା ବେଳେ ରମା ଶଙ୍କରଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ରହିଥିବା ଜଣାପଡ଼ିଛି । ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି । ତେବେ ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ । ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ସେ ଜଣେ ସରଳ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ ବେଲଗୁଣ୍ଠା ପ୍ରେସକ୍ଲବ ପକ୍ଷରୁ ମଧ୍ୟ ଗଭୀର ଶୋକପ୍ରକାଶ କରାଯାଇଛି । ମୃତ କନେଷ୍ଟବଳଙ୍କ ଦୁଇ ପୁଅ ଥିବା ବେଳେ ବଡ଼ ପୁଅ ଯୁକ୍ତଦୁଇ ଏବଂ ସାନ ପୁଅ ନବମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି ।

ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ

ଖଣ୍ଡପଡ଼ା, ୧୮/୧୦ (ଆ.ପ୍ର) : ସମଗ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ପୁର୍ନବାର ସ୍ଥାନିତ ହୋଇଛି ଡ.ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନାମ । ଶ୍ରୀ ସାହୁ ଲଗାତର ୭ ଥର ଏହି ବିରଳ ସମ୍ମାନର ଅଧିକାରୀ ହୋଇ ରାଜ୍ୟ ପାଇଁ ଜନ୍ମସ୍ଥାନ ଖଣ୍ଡପଡ଼ା ପାଇଁ ଗୌରବ ଆଣିଥିବା ଜଣାଯାଇଛି ।ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନ କୁଆହରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବୈଜ୍ଞାନିକ ଶ୍ରୀ ସାହୁ ସୁଦୂର ହାଇଦ୍ରାବାଦସ୍ଥିତ ବିଟ୍ ପିଲାନିର ଗଣିତ ବିଭାଗରେ ଏବେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ଜଣାପଡିଛି । ବୈଜ୍ଞାନିକ ଶ୍ରୀ ସାହୁ ପରିବର୍ତ୍ତିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଗବେଷକ ଭାବେ ବେଶ ସୁନାମ ଅର୍ଜନ କରିଥିବା ବେଳେ ନାଭିକୀୟ ଏବଂ କଣିକା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ତାଙ୍କର ଦକ୍ଷତା ପ୍ରତିପାଦନ କରି ପାରିଛନ୍ତି । ସେ ଭାରତୀୟ ଗଣିତ ସମାଜ,ଭିତ୍ତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ସଂଘ ପରିଷଦର ଜଣେ ସକ୍ରିୟ ସଦସ୍ୟ ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ କରି ଆସୁଛନ୍ତି । ଚୀନ ବିଜ୍ଞାନ ଏକାଡେମୀ ପକ୍ଷରୁ ଗତ କିଛି ମାସ ତଳେ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଅତିଥି ବୈଜ୍ଞାନିକ ଭାବେ ଫେଲୋସିପ ପ୍ରଦାନ କରାଯାଇଥିଲା । ଏକାଧିକ ବିରଳ ସମ୍ମାନର ଅଧିକାରୀ ହୋଇ ପାରିଥିବା ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ବିଟ୍ସ ପିଲାନି କର୍ତ୍ତୃପକ୍ଷ, ଅନୁଷ୍ଠାନର ଛାତ୍ରଛାତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ବେଳେ ସମଗ୍ର ନୟାଗଡ ଜିଲ୍ଲାବାସୀ ଶ୍ରୀ ସାହୁଙ୍କ କାର୍ଯ୍ୟଦକ୍ଷତାକୁ ନେଇ ବେଶ ଗର୍ବ ଅନୁଭବ କରିଥିବା ଜଣାପଡିଛି ।

ପଂଚାୟତ ଦୁର୍ଗାପୂଜା କମିଟି ପକ୍ଷରୁ ୪ର୍ଥ ବାର୍ଷିକ ଶାରଦୀୟ ଦୁର୍ଗା ପୂଜା

ନିଶ୍ଚିନ୍ତକୋଇଲି, ୧୮/୧୦ (ଆ.ପ୍ର) : ଝାଡ଼େଶ୍ୱରପୁର ପଂଚାୟତ ଅଧିନ ପଂଚାୟତ ଦୁର୍ଗା ପୂଜା କମିଟି ପକ୍ଷରୁ ବଜ୍ରସେନା ଦେବୀଙ୍କ ପୀଠସ୍ଥଳୀ ମଙ୍ଗଳପୁର ନୂଆହାଟ ଦୁର୍ଗା ପଡ଼ିଆ ଠାରେ ଚତୁର୍ଥ ବାର୍ଷିକ ଶାରଦୀୟ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି । ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପୁଷ୍କରିଣୀରୁ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସୀରେ ଜଳ ଉତୋଳନ କରାଯାଇ ଏକ ଶୋଭାଯାତ୍ରାରେ ପୂଜା ସ୍ଥଳୀକୁ ନିଆଯାଇଥିଲା । ସୁବିଜ୍ଞ ପଣ୍ଡିତ ଜନ୍ମେଜୟ ପଣ୍ଡା ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରୁଥିବା ବେଳେ ସହଯୋଗୀ ପୂଜକ ଭାବେ ଆଦିତ୍ୟ ଶତପଥୀ, ଶଶିକାନ୍ତ ଦାଶ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି । କର୍ତ୍ତା ଭାବେ ପ୍ରଦିପ ଦାସ ଓ କର୍ତ୍ତୀ ଭାବେ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ଦାସ କାର୍ଯ୍ୟ ନିର୍ବାହ କରୁଛନ୍ତି । ପଂଚାୟତ ଦୁର୍ଗା ପୂଜା କମିଟିର ସଭାପତି ତଥା ସରପ ଅନିଲ କୁମାର ଦଳାଇ, ସମ୍ପାଦକ ଆନନ୍ଦ ଦାସ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି । ୧୬.୧୦.୨୦୨୬ ରିଖରେ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା ବେଳେ ୨୧ତାରିଖ ବୁଧବାର ବିଜୟା ଦଶମୀରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ଓ ୨୨ତାରିଖ ଗୁରୁବାର ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଦୁର୍ଗା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମାଙ୍କୁ ପୂଜାର୍ଚ୍ଚନା କରିବା ସହ ମାତୃକୃପା ଲାଭ କରିଛନ୍ତି ।

ନିଶ୍ଚିନ୍ତକୋଇଲିରେ ଅଷ୍ଟଭୂଜା ମା' ଦୁର୍ଗା ଓ ମା' ଶାରଦାଙ୍କ ଶାରଦୀୟ ନବରାତ୍ର ପୂଜା

ନିଶ୍ଚିନ୍ତକୋଇଲି, ୧୮/୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ଅଷ୍ଟଭୂଜା ଦୁର୍ଗା ମଣ୍ଡପରେ ମା' ଅଷ୍ଟଭୂଜା ଜୟଦୁର୍ଗା ଓ ଶାରଦାଙ୍କ ଶାରଦୀୟ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି । ସୁବିଜ୍ଞ ପଣ୍ଡିତ ନିଗମାନନ୍ଦ ମହାପାତ୍ର, ମନୋଜ ଦାଶ,ଶାରଦାପ୍ରସାଦ ଷଡଙ୍ଗୀ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ଉତ୍ସବଚରଣ ସାହୁ ଓ ତାଙ୍କ ଧର୍ମପତ୍ନୀ ମମତା ସାହୁ, ଅନ୍ୟତମ କର୍ତ୍ତା ଭାବେ ସୃତିରଂଜନ ରାଉତରାୟ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା ନାୟକ କାର୍ଯ୍ୟ ନିର୍ବାହ କରୁଛନ୍ତି । ଅନୁଷ୍ଠାନର ସମ୍ପାଦକ ଜାନକୀକାନ୍ତ ଦାସ, ସଭ୍ୟ ରାଜକିଶୋର ହୋତା,ପ୍ରଦୀପ୍ତ କୁମାର ପଣ୍ଡା, ପୁରଷୋତ୍ତମ ସେଠୀ, ବିଜୟ କୁମାର ସ୍ୱାଇଁଙ୍କ ସମେତ ନିଶ୍ଚିନ୍ତକୋଇଲି ବଜାର ସାର୍ବଜନୀନ ଶାରଦୀୟ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ, ବଜାର ବ୍ୟବସାୟୀ ଓ ସ୍ଥାନୀୟ ଅଂଚଳର ସମଗ୍ର ଭକ୍ତମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି । ୧୧ତାରିଖରୁ ପୂଜା ଆରମ୍ଭ ହୋଇଥିଲା ବେଳେ ୨୧ତାରିଖ ବୁଧବାର ବିଜୟା ଦଶମୀରେ ଅପରାଜିତା ପୂଜା, ମଶାଲ ଯାତ୍ରା, ଚଣ୍ଡିଯଜ୍ଞର ପୂର୍ଣ୍ଣାହୂତି ଏବଂ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ ରହିଥିବା ବେଳେ ୨୨ତାରିଖ ଗୁରୁବାର ମା' ଅଷ୍ଟଭୂଜାଙ୍କର ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଦୁର୍ଗାପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମାଙ୍କୁ ପୂଜାର୍ଚ୍ଚନା କରିବା ସହ ମାତୃକୃପା ଲାଭ କରୁଛନ୍ତି ।

ପୂଜା ମଣ୍ଡପରେ ବଣିକ ମହାସଂଘର ଶାରଦୀୟ ବନ୍ଧୁମିଳନ

ଦଶପଲ୍ଲା, ୧୮/୧୦ (ଆ.ପ୍ର.): ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଦଶପଲ୍ଲାର ପ୍ରମୁଖ ବ୍ୟବସାୟୀ ସଂଗଠନ ଦୁର୍ଗା ବଜାର ବଣିକ ସଂଘ ପକ୍ଷରୁ ମହାଅଷ୍ଟମୀ ତିଥିରେ ମହାବୀର ବଣିକ ମହାସଂଘର ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଦଶପଲ୍ଲାର ୧୨ଟି ବଜାର ସଂଘକୁ ନେଇ ଗଠିତ ଏହି ମହାସଂଘର କାର୍ଯ୍ୟକର୍ତ୍ତାମାନେ ଏଥିରେ ଯୋଗଦେଇ ଭାଇଚାରା ଓ ସାଂଗଠନିକ ଏକତାର ବାର୍ତ୍ତା ଦେଇଥିଲେ ।ଦୁର୍ଗା ବଜାର ବଣିକ ସଂଘର ସଭାପତି ସନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହାସଂଘର ସଭାପତି ଅଲେଖ ସାହୁ, ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ସଜ୍ଜନ କୁମାର ଅଗ୍ରୱାଲ, ସହକୋଷାଧ୍ୟକ୍ଷ ବିଜୟ କୁମାର ଅଗ୍ରୱାଲ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଦଣ୍ଡପାଣି ସାହୁ ଓ ସଜନ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ, ରଙ୍ଗୀନ କ୍ୟାଲେଣ୍ଡର ପ୍ରକାଶନ ଓ ସାଂଗଠନିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହ ସହରର ଟ୍ରାଫିକ୍ ସମସ୍ୟାର ସମାଧାନ, ପାନୀୟ ଜଳ ଯୋଗାଣ, ସହର ସଫେଇ, ସୁଲଭ ଶୌଚାଳୟ ବ୍ୟବସ୍ଥା ଏବଂ ପୁରାତନ ନାରାୟଣଗଞ୍ଜ ସାପ୍ତାହିକ ହାଟର ଉନ୍ନତୀକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ବିଭିନ୍ନ ବଜାର ସଂଘର କାର୍ଯ୍ୟକର୍ତ୍ତାଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା । ପରେ ମା' ଦୁର୍ଗାଙ୍କ ପୀଠରେ ସମୂହ ପୁଷ୍ପାଞ୍ଜଳି ଅର୍ପଣ ସହ ଧୂପଦୀପ ପ୍ରଦାନ କରାଯାଇଥିଲା । ପଣ୍ଡିତ ଅଶୋକ କୁମାର ମିଶ୍ର ମନ୍ତ୍ରପାଠ କରି ଉପସ୍ଥିତ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ଚଳିତ ବର୍ଷର ଶ୍ରେଷ୍ଠ ବ୍ୟବସାୟୀ ସନାତନ ପୃଷ୍ଟିଙ୍କ ସମେତ ଦିବଂଗତ ଅଶୋକ କୁମାର ସାହୁଙ୍କ ଧର୍ମପତ୍ନୀଙ୍କୁ ଉପଢୌକନ ଓ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦୁର୍ଗା ବଜାର ବଣିକ ସଂଘର ସମ୍ପାଦକ ଶିବ ପ୍ରସାଦ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

୧୨ ନଂ ୱାର୍ଡରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କର୍ପୋରେଟର ଜୟନ୍ତୀ ସାହୁଙ୍କ ନିଆରା ଢଙ୍ଗରେ ପୂଜାଭେଟ

ଭୁବନେଶ୍ୱର,୧୮/୧୦ (ଆ.ପ୍ର) : ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ କାର୍ଯ୍ୟରତ ବିଏମସି ସଫେଇ କର୍ମଚାରୀ ମାନଙ୍କୁ ଏକ ନିଆରା ଢଙ୍ଗରେ ପୂଜାଭେଟି ଦେଇଛନ୍ତି କର୍ପୋରେଟର ଜୟନ୍ତୀ ସାହୁ । ଆଜି ୧୨ ନମ୍ବର ୱାର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ବସ୍ତ୍ର ଓ ମିଠା ପ୍ୟାକେଟ ବଂଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଥିଲେ ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ରଖିବାରେ ବିଏମସି ସଫେଇ କର୍ମଚାରୀଙ୍କ ଭୂମିକା ଅତୁଳନୀୟ । ଖରା, ବର୍ଷା, ଶୀତ, କାକରକୁ ଖାତିରି ନକରି କିମ୍ବା କରୋନା ଭଳି ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକ ମାନଙ୍କୁ ସେବା ଯୋଗାଇ ଦେଉଥିବା ସଫେଇ କର୍ମଚାରୀ ହେଉଛନ୍ତି ପ୍ରକୃତ ସମାଜସେବୀ । ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ଯୋଗଦେଇ କର୍ପୋରେଟରଙ୍କର ଏଭଳି ନିଆରା ପଦକ୍ଷେପକୁ ପ୍ରଶଂସା କରିବା ସହିତ କହିଥିଲେ ଆଗାମୀ ଦିନରେ ଏହି ସମ୍ବର୍ଦ୍ଧନା ଆମ କର୍ମଚାରୀ ମାନଙ୍କୁ ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ମୁରବୀ ଜନକର ସାହୁ, କର୍ପୋରେଟର ଜୟନ୍ତୀ ସାହୁ, ବିଏମସି ସହକାରୀ କମିଶନର ବାବୁଲା ଦଳେଇ, ଉତର ଜୋନର ଡେପୁଟି କମିଶନର ମନ୍ମଥ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ଜନାର୍ଦ୍ଦନ ତହସିଲଦାର, ଏସଡିଓ ଜୟନ୍ତ ମିଶ୍ର, ଯନ୍ତ୍ରୀ ଦେବକାନ୍ତ ନାୟକ, ୱାର୍ଡ ଅଧିକାରୀ କେଶବ ଚନ୍ଦ୍ର, ସାନିଟାରୀ ଇନ୍ସପେକ୍ଟର ପୂର୍ଣ୍ଣ୍ୟଶୋକ ଶତପଥୀ, ଯୁବନେତା ପ୍ରଶନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ଶାଢୀ, ପ୍ୟାଂଟଷ୍ଟସାର୍ଟ କପଡା ଓ ମିଠା ପ୍ୟାକେଟ ବଂଟନ କରିଥିଲେ । ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରତିଷ୍ଠିତ ସମାଜସେବୀ ଓ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ସୁକାନ୍ତ ରାଉତ ସଭାପତିତ୍ୱ କରିଥିବା ବେଳେ ବାବୁ ଭାଇ ଟିମ୍ର ସଦସ୍ୟମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବିଏମସି ସୁପରଭାଇଜର ଓ ସ୍ୱଚ୍ଛସାଥୀମାନେ ଉପସ୍ଥିତ ଥିଲେ ।

୯ ନଂ ୱାର୍ଡରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୮/୧୦ (ଆ.ପ୍ର) : ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୯ ନମ୍ବର ୱାର୍ଡରେ କାର୍ଯ୍ୟରତ ବିଏମସି ସଫେଇ କର୍ମଚାରୀ ମାନଙ୍କୁ ଆଜି ୯ ନମ୍ବର ୱାର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଯୁବନେତା ସତ୍ୟସାଚୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ଯୋଗଦେଇ କର୍ପୋରେଟରଙ୍କର ଏଭଳି ନିଆରା ପଦକ୍ଷେପକୁ ପ୍ରଶଂସା କରିବା ସହିତ କହିଥିଲେ ଆଗାମୀ ଦିନରେ ଏହି ସମ୍ବର୍ଦ୍ଧନା ଆମ କର୍ମଚାରୀ ମାନଙ୍କୁ ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, କର୍ପୋରେଟର ସୁଷମା ସାହୁ, ଜିଲ୍ଲା ପରିଷଦ ପ୍ରକାଶ କୁମାର ସାହୁ, ଗାଡକଣ ଗ୍ରାମର ପୂର୍ବତନ ସଭାପତି ଅଶୋକ ପାତ୍ର, କମ୍ରେଡ ସିଦ୍ଧାର୍ଥ କର, ଟଗଲା ଜେନା, ମିଟୁ ପରିଡା, କୃଷ୍ଣଚନ୍ଦ୍ର ପାତ୍ର, ମୁନା ପଡିହାରୀ, ୱାର୍ଡ ଅଧିକାରୀ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରଜି, ଅଲି, ରାଜୁ, ମିଟୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲାବେଳେ ବିଏମସି ସୁପରଭାଇଜର ଓ ସ୍ୱଚ୍ଛ ସାଥୀମାନେ ଉପସ୍ଥିତ ଥିଲେ ।

ବୈଭବଙ୍କୁ ଅପେକ୍ଷା କରିବାକୁ ପଡ଼ିବ: ଶ୍ରେୟସ

ବେଙ୍ଗାଲୁରୁ, ୧୮/୧୦ (ନ୍ୟୁ.ଏ): ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଘରୋଇ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳିନାହିଁ । ଭାରତୀୟ ଅଧିନାୟକ ଶ୍ରେୟସ ଆୟର, ଏହି ଯୁବ ଖେଳାଳିଙ୍କୁ ଧୈର୍ଯ୍ୟ ରଖିବା ସହ ନିଜ ଖେଳ ଉପରେ ଆହୁରି ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି । ବେଙ୍ଗାଲୁରୁରେ ଖେଳାଯାଇଥିବା ପଂଚମ ତଥା ଶେଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବାରୁ ଏହି ଶୃଙ୍ଖଳା ୨-୨ରେ ଡ୍ର' ରହିଥିଲା । ଏହି ଶୃଙ୍ଖଳାରେ ଅଭିଜ୍ଞ ଓପନର ସଞ୍ଜୁ ସାମ୍ସନ୍ ଓ ଅଭିଷେକ ଶର୍ମାଙ୍କ ଉପରେ ଦଳ ଭରସା କରିବାରୁ ବୈଭବଙ୍କୁ କୌଣସି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନଥିଲା । ସେ ଶେଷ ଥର ପାଇଁ ପାକିସ୍ତାନ ବିପକ୍ଷ ଏସୀୟ କ୍ରୀଡ଼ା ଫାଇନାଲ୍‌ରେ ଖେଳିଥିଲେ । ସାମ୍ସନ୍ ୫ଟି ମ୍ୟାଚ୍‌ରେ ୧୬୮ ଏବଂ ଅଭିଷେକ ୧୪୫ ରନ୍ ସଂଗ୍ରହ କରିଥିଲେ । ଦୁହେଁ ଦୁଇଟି ଲେଖାଏଁ ଅର୍ଦ୍ଧଶତକ ହାସଲ କରିଥିବାରୁ ସୂର୍ଯ୍ୟବଂଶୀଙ୍କ ପାଇଁ ସ୍ଥାନ ପାଇବା କଷ୍ଟକର ହୋଇପଡ଼ିଥିଲା । ଶେଷ ମ୍ୟାଚ୍ ପରେ ଅଧିନାୟକ ଶ୍ରେୟସ କହିଛନ୍ତି, ''ବୈଭବଙ୍କୁ ସବୁବେଳେ କହୁଛି ଯେ ତୁମକୁ ସୁଯୋଗ ମିଳିବ । ତୁମେ ନିଜ ପ୍ରସ୍ତୁତି ଓ ମାନସିକତା ଠିକ୍ ରଖ, ତେବେ ସୁଯୋଗ ନ ମିଳିବା ନେଇ ଅଧିକ ଚିନ୍ତା କରିନି । ଏମିତି ଅପେକ୍ଷା କରିବାକୁ ହୁଏ । ଆମ ପାଖରେ ଦୁଇଜଣ ଭଲ ଓପନର ଅଛନ୍ତି । ଏମାନେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ ବି କରୁଛନ୍ତି''। ଏହି ଶୃଙ୍ଖଳା ପ୍ରଦର୍ଶନକୁ ନେଇ ଆୟର କହିଛନ୍ତି ଯେ, ଯଦି ଦ୍ୱିତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ବୋଲରମାନେ ୨୪୦ରୁ ଅଧିକ ରନ୍ ବ୍ୟୟ କରି ନଥାନ୍ତେ, ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା । ତେବେ ସେ ବ୍ୟାଟିଂ ବିଭାଗକୁ ପ୍ରଶଂସା କରିବା ସହ ୱେଷ୍ଟଇଣ୍ଡିଜ୍ ଦଳ, ବିଶେଷ କରି ସାଇ ହୋପ୍‌ଙ୍କ ବ୍ୟାଟିଂକୁ ଶ୍ରେୟ ଦେଇଛନ୍ତି ।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ରୋହିତ ଶର୍ମାଙ୍କ ପାଇଁ ହୋଇପାରେ ଶେଷ ସୁଯୋଗ

ନୂଆଦିଲ୍ଲୀ, ୧୮/୧୦ (ନ୍ୟୁ.ଏ): ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତ ଦିନିକିଆ ଟିମ୍ ଘୋଷଣା ହୋଇସାରିଛି । ରୋହିତ ଶର୍ମାଙ୍କୁ ମଧ୍ୟ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଟିମ୍‌ରେ ଚୟନ କରାଯାଇଛି । ଟିମ୍‌ରେ ଚୟନ କରାଯିବା ଦ୍ୱାରା ସ୍ପଷ୍ଟ ହୋଇପାରିଛି ଯେ, ନ୍ୟୁଜିଲାଣ୍ଡ ବିରୋଧରେ ହେବାକୁ ଥିବା ଓଡିଆଇ ସିରିଜ୍ ରୋହିତଙ୍କ ପାଇଁ ଶେଷ ସୁଯୋଗ । କିନ୍ତୁ କାହିଁକି ? ଏହାର କାରଣ ହେଉଛି ସମସ୍ତ ୪ଟିଯାକ ଦେଶ (ଦକ୍ଷିଣ ଆଫ୍ରିକା,ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ) ରେ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଭାରତୀୟ ଖେଳାଳିଙ୍କ ସହ ଜଡିତ । ଏପର୍ଯ୍ୟନ୍ତ କେବଳ ତିନି ଜଣ ଭାରତୀୟ ଏହି ସଫଳତା ହାସଲ କରିଛନ୍ତି, ସଚିନ ତେନ୍ଦୁଲକର, ବିରାଟ କୋହଲି ଏବଂ ଶିଖର ଧାୱନ । ଏହି କ୍ଲବରେ ସାମିଲ ହେବାକୁ ରୋହିତଙ୍କୁ ନ୍ୟୁଜିଲାଣ୍ଡରେ ଶତକ କରିବାକୁ ହେବ । ରୋହିତ ଶର୍ମା ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆରେ ଏକଦିବସୀୟ ଶତକ ମାରିଛନ୍ତି, କିନ୍ତୁ ନ୍ୟୁଜିଲାଣ୍ଡରେ ତାଙ୍କର ଗୋଟିଏ ବି ଶତକ ନାହିଁ । ତେଣୁ, ଚଳିତ ଗସ୍ତରେ ପାଂଚଟି ଦିନିକିଆ ତାଙ୍କର ଶେଷ ସୁଯୋଗ ହେବ, କାରଣ ଏହା ତାଙ୍କ କ୍ୟାରିୟରର ଶେଷ ନ୍ୟୁଜିଲାଣ୍ଡ ଗସ୍ତ ହୋଇପାରେ । ରୋହିତ ଶର୍ମା ବର୍ତ୍ତମାନ ସୁଦ୍ଧା ୩୫ଟି ଦିନିକିଆ ଶତକ ହାସଲ କରି ସର୍ବାଧିକ ଶତକ ମାମଲାରେ ଭାରତ ପାଇଁ ତୃତୀୟ ସ୍ଥାନରେ ଅଛନ୍ତି । ପ୍ରଥମ ସ୍ଥାନରେ ରହିଛନ୍ତି ବିରାଟ କୋହଲି । ସେ ୫୫ଟି ଶତକ କରିଛନ୍ତି । କୋହଲିଙ୍କ ପଛରେ ଅଛନ୍ତି ସଚିନ ତେନ୍ଦୁଲକର । ସେ ୪୯ ଟି ଦିନିକିଆ ଶତକ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । । ରୋହିତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଅନ୍ୟାନ୍ୟ ଦେଶରେ ଶତକ ମାରିଛନ୍ତି, କିନ୍ତୁ ନ୍ୟୁଜିଲାଣ୍ଡରେ ତାଙ୍କର ଏକ ସେଂଚୁରୀ ବାକି ରହିଛି । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ନଭେମ୍ବର ୪ ରେ ଆରମ୍ଭ ହେବ, ଏବଂ ଶେଷ ମ୍ୟାଚ୍ ନଭେମ୍ବର ୧୫ ରେ ଖେଳାଯିବ । ରୋହିତ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାକାର ପିଚ୍‌ରେ ଦିନିକିଆ ମ୍ୟାଚ୍ ଖେଳିଛନ୍ତି, କିନ୍ତୁ ସେଠାରେ ତାଙ୍କର ସର୍ବାଧିକ ସ୍କୋର ୮୭ ରନ୍ ରହିଛି, ସେ ୧୦୦ ରନ୍‌ର ପାର କରିପାରିନାହାନ୍ତି । ଏବେ ଏହା ଦେଖିବା ଆକର୍ଷଣୀୟ ହେବ ଯେ ରୋହିତ ଶର୍ମା ନ୍ୟୁଜିଲାଣ୍ଡରେ ଶତକ ପାଇଁ ତାଙ୍କ ଅପେକ୍ଷାର ଅନ୍ତ ଘଟାଇବେ କି ନାହିଁ ଏବଂ ସମସ୍ତ SENA ଦେଶରେ ଦିନିକିଆ ଶତକ ହାସଲ କରିବାରେ ଚତୁର୍ଥ ଭାରତୀୟ ହେବେ କି ନାହିଁ ।

କୋଲକାତା ଦଳାଚକଟା: ହସ୍ପିଟାଲରେ ଆହତଙ୍କୁ ଭେଟିଲେ ଶାହ

ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ଘଟଣାକୁ ନେଇ ଶୋକରେ ବୁଡ଼ିଛି କୋଲକାତା । ଏହି ଘଟଣାରେ ଆହତ ହୋଇଥିବା ଲୋକଙ୍କୁ ହସ୍ପିଟାଲରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏଥିସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ସୂଚନା ଅନୁଯାୟୀ, ଉତର କୋଲକାତାର ପ୍ରସିଦ୍ଧ ଟୋରବାଗାନ ଦୁର୍ଗାପୂଜା ମଣ୍ଡପରେ ଗତ ସନ୍ଧ୍ୟାରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ଘଟିଥିଲା । ମହାସପ୍ତମୀ ଅବସରରେ ପ୍ରବଳ ବର୍ଷା ସତ୍ତ୍ୱେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ମଣ୍ଡପରେ ଏକାଠି ହୋଇଥିଲେ । ଏହି ସମୟରେ ପେଣ୍ଡାଲର କିଛି ଅଂଶ ଭାଙ୍ଗିପଡ଼ିବାରୁ ଅଘଟଣ ଘଟିଥିବା ସୂଚନା ମିଳିଛି । ଏହି ଘଟଣାରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ରୁ ଅଧିକ ଆହତ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ମୃତକଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସେହିପରି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବାକୁ ଘୋଷଣା କରାଯାଇଛି । ଅନ୍ୟପଟେ, ଟୋରବାଗାନ ପୂଜା ମଣ୍ଡପରେ ଘଟିଥିବା ଏହି ଅଘଟଣ ପରେ ମଣ୍ଡପର ସଭାପତି ଓ ସମ୍ପାଦକଙ୍କ ସମେତ ୧୮ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଜଗନମୋହନ କହିଛନ୍ତି, ଯେତେବେଳେ ପ୍ରାର୍ଥୀମାନଙ୍କୁ ଧମକ ଦିଆଯାଉଛି ଏବଂ ସେମାନଙ୍କ ଉପରେ ଆକ୍ରମଣ ହେଉଛି, ସେତେବେଳେ ନିର୍ବାଚନ କିପରି ସ୍ୱାଧୀନ ଓ ନିରପେକ୍ଷ ହୋଇପାରିବ ଗଣତନ୍ତ୍ରର ସୁରକ୍ଷା ହେବା ଦରକାର ।

ଫିନେଷ୍ଟା ଓପନ୍ ଜାତୀୟ ଟେନିସ୍: ଖୁସିଙ୍କୁ ତ୍ରିମୁକୁଟ

ନୂଆଦିଲ୍ଲୀ, ୧୮/୧୦ (ନ୍ୟୁ.ଏ): ଏଠାରେ ଆୟୋଜିତ ୩୧ତମ ଫିନେଷ୍ଟା ଓପନ୍ ଜାତୀୟ ଟେନିସ ପ୍ରତିଯୋଗିତାରେ ହରିୟାଣାର ଖୁସି କାଡିଆନ୍ ତ୍ରିମୁକୁଟ ହାସଲ କରିଛନ୍ତି । ସେ ୧୪ ଓ ୧୬ ବର୍ଷରୁ କମ୍ ବାଳିକା ଏକକ ସହ ଯୁଗଳରେ ବିଜେତା ହୋଇଥିଲେ । ୧୬ ବର୍ଷରୁ କମ୍ ଏକକ ଫାଇନାଲ୍‌ରେ ସେ ୭-୬, ୭-୫ ସେଟ୍‌ରେ ରାଜସ୍ଥାନର ରଞ୍ଜନା ସଂଗ୍ରାମଙ୍କୁ ପରାସ୍ତ କରିଥିଲେ । ସେହିପରି ୧୪ ବର୍ଷରୁ କମ୍‌ରେ ସେ ୬-୩, ୬-୨ ସେଟ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସିଦ୍ଧି ପାଣ୍ଡେଙ୍କୁ ହରାଇଥିଲେ । ୧୬ ବର୍ଷରୁ କମ୍ ବାଳିକା ଯୁଗଳରେ ସେ ଓ ତାଙ୍କ ସଂଗିନୀ ହରିଣୀ ୬-୩, ୬-୩ ସେଟ୍‌ରେ ରଞ୍ଜନା ଓ ପୂର୍ବୀ ପଟଖ୍ୱାଙ୍କୁ ମାତ୍ ଦେଇଥିଲେ । ବାଳକରେ ଚଣ୍ଡିଗଡ଼ର ଗିରଭ ସରୋହା ମଧ୍ୟ ଯୁଗଳ ଟ୍ରଫି ହାସଲ କରିଛନ୍ତି । ୧୬ ବର୍ଷରୁ କମ୍ ଏକକରେ ସେ ୬-୨, ୬-୩ ସେଟ୍‌ରେ ୟଶ୍ୱିନ ଦାହିୟାଙ୍କୁ ହରାଇଥିଲେ । ଗତ ସପ୍ତାହରେ ସେ ୧୮ ବର୍ଷରୁ କମ୍ ଏକକ ଟ୍ରଫି ହାତେଇଥିଲେ । ୧୪ ବର୍ଷରୁ କମ୍ ବାଳକ ଏକକରେ କର୍ଣ୍ଣାଟକର ପୁନିତ ମନୋହର ୬-୩, ୬-୨ ସେଟ୍‌ରେ ଏସ୍ ଚିନ୍ତାଗୁଂଟାଙ୍କୁ ହରାଇ ଟ୍ରଫି କରାୟତ କରିଥିଲେ ।

ଦରଦାମ ବୃଦ୍ଧିକୁ ନେଇ ଫ୍ରାନ୍ସରେ ହିଂସାତ୍ମକ ବିକ୍ଷୋଭ

ପ୍ୟାରିସ୍, ୧୮/୧୦ (ନ୍ୟୁ.ଏ): ଫ୍ରାନ୍ସରେ ଜୀବନଯାପନ ଖର୍ଚ୍ଚ ବୃଦ୍ଧି, ଇନ୍ଧନ ଦର ବୃଦ୍ଧି ଓ ସରକାରୀ ସେବାର ଅବନତିକୁ ବିରୋଧ କରି ଶନିବାର ଦେଶବ୍ୟାପୀ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି । ପ୍ୟାରିସ୍‌ସମେତ ବିଭିନ୍ନ ସହରରେ ଦୋକାନବଜାର ଲୁଟ୍‌ପାଟ୍ ସହ ଗାଡ଼ି ଓ କୋଠାଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଥିଲା । ପୁଲିସ ସହ ସଂଘର୍ଷ ହେବାରୁ ୧୫୦ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଏହି ଘଟଣାରେ ୧୨୦୦ରୁ ଅଧିକ ଲୋକ ଗିରଫ ହୋଇଥିବା ଜଣାପଡ଼ିଛି । ଫ୍ରାନ୍ସର ଗୃହମନ୍ତ୍ରୀ ଲୋରାଁ ନୁନେଜ୍‌ଙ୍କ ଅନୁଯାୟୀ, ଦେଶବ୍ୟାପୀ ପ୍ରାୟ ୫ ଲକ୍ଷ ୫୦ ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଥିଲେ । ତେବେ ଆୟୋଜକମାନେ ଏହି ସଂଖ୍ୟା ଆହୁରି ଅଧିକ ବୋଲି ଦାବି କରିଛନ୍ତି । ପ୍ରଥମେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ, ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥା ଓ ଭିତିଭୂମି ସମସ୍ୟାକୁ ନେଇ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ପରେ ଶ୍ରମିକ ସଂଗଠନ, କୃଷକ, ଅବସରପ୍ରାପ୍ତ କର୍ମଚାରୀ ଓ ଅନ୍ୟ ବର୍ଗର ଲୋକ ଏଥିରେ ଯୋଗ ଦେଇଥିଲେ । ବଢୁଥିବା ଦରଦାମ୍ ଓ ସାଧାରଣ ଲୋକଙ୍କ କ୍ରୟଶକ୍ତି ହ୍ରାସକୁ ନେଇ ଦୀର୍ଘଦିନର ଅସନ୍ତୋଷ ଏହି ଆନ୍ଦୋଳନକୁ ବ୍ୟାପକ କରିଛି । ପ୍ୟାରିସ୍‌ରେ ଆରମ୍ଭରୁ ଶାନ୍ତିପୂର୍ଣ୍ଣ ଥିବା ଶୋଭାଯାତ୍ରା ସନ୍ଧ୍ୟା ଆଡ଼କୁ ହିଂସାତ୍ମକ ହୋଇଥିଲା । କେତେକ ବିକ୍ଷୋଭକାରୀ ଘର ଓ ଗାଡ଼ିଗୁଡ଼ିକରେ ନିଆଁ ଲଗାଇବା ସହ ଦୋକାନବଜାର ଭଙ୍ଗାରୁଜା ଓ ଲୁଟ୍‌ପାଟ୍ କରିଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ ସହ ପାଣିମାଡ଼ କରିଥିଲା ।

ସିଇସିଙ୍କୁ ସମର୍ଥନ କରିବା ଭୁଲ ଥିଲା : ଜଗନମୋହନ

ନୂଆଦିଲ୍ଲୀ, ୧୮/୧୦ (ନ୍ୟୁ.ଏ): ୱାଇଏସ୍ଆର କଂଗ୍ରେସ ମୁଖ୍ୟ ଜଗନମୋହନ ରେଡ୍ଡୀ ୨୦୨୩ରେ CEC ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ସମ୍ପର୍କିତ ନିଷ୍ପତ୍ତିକୁ ସମର୍ଥନ କରିଥିବାରୁ ଅନୁତାପ ପ୍ରକାଶ କରିଛନ୍ତି । ସେତେବେଳେ YSRCP କେନ୍ଦ୍ରର NDA ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲା । ଜଗନମୋହନ କହିଛନ୍ତି, କେନ୍ଦ୍ରରେ ନିର୍ବାଚନ କମିଶନର ହୁଅନ୍ତୁ କିମ୍ବା ମୁଖ୍ୟ ନିର୍ବାଚନ କମିଶନର, ସେମାନଙ୍କୁ ଶାସକ ଦଳ ଦ୍ୱାରା ମନୋନୀତ କରାଯିବା ଭଳି ପରିସ୍ଥିତି କେବେ ମଧ୍ୟ ସୃଷ୍ଟି ହେବା ଉଚିତ୍ ନୁହେଁ । ସେ କହିଛନ୍ତି, "ସେତେବେଳେ YSRCP ଏହି ପ୍ରକ୍ରିୟାକୁ ସମର୍ଥନ କରିଥିଲା । ଏହି ବ୍ୟବସ୍ଥା ଅନୁସାରେ କେନ୍ଦ୍ରରେ କ୍ଷମତାରେ ଥିବା ଦଳ ସଦସ୍ୟମାନଙ୍କୁ ମନୋନୀତ କରିଥାଏ । କିନ୍ତୁ ଆଜି ଆମେ ଏହାକୁ ନେଇ ଅନୁତପ୍ତ । ଏହାକୁ ସମର୍ଥନ କରିଥିବାରୁ ଆମକୁ ଦୁଃଖ ଲାଗୁଛି । ଆମେ ମାନୁଛୁ ଯେ ଆମ ପକ୍ଷରୁ ଭୁଲ ହୋଇଥିଲା ।" ଜଗନମୋହନ ଆହୁରି କହିଛନ୍ତି, ପରୀକ୍ଷକଙ୍କୁ ଛାତ୍ର ନିଯୁକ୍ତ କରିପାରିବେ ନାହିଁ । ପରୀକ୍ଷକ ଯେତେ ସତ୍ୟନିଷ୍ଠ ହୋଇଥାଆନ୍ତୁ ନାହିଁ କାହିଁକି, ଯଦି ତାଙ୍କ ନିଯୁକ୍ତି କୌଣସି ନିରପେକ୍ଷ ସଂସ୍ଥା ଦ୍ୱାରା ହୋଇନଥାଏ, ତେବେ ତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିବ । ଏହାସହ ରେଡ୍ଡୀ ରାଜ୍ୟ ନିର୍ବାଚନ ଆୟୋଗରେ ମଧ୍ୟ ସଂସ୍କାର ଆଣିବାକୁ ଦାବି କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ମୁଖ୍ୟମନ୍ତ୍ରୀ କିମ୍ବା କ୍ଷମତାସୀନ ସରକାର ଦ୍ୱାରା ହେବା ଉଚିତ୍ ନୁହେଁ । ଏହି ନିଯୁକ୍ତି ଏକ ନିରପେକ୍ଷ କର୍ତ୍ତୃପକ୍ଷ ମାଧ୍ୟମରେ କରାଯିବା ଦରକାର ବୋଲି ସେ କହିଛନ୍ତି । ଆନ୍ଧ୍ରପ୍ରଦେଶର ପୌର ନିର୍ବାଚନକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନମୋହନ ରେଡ୍ଡୀ ଅନେକ ପ୍ରଶ୍ନ ଉଠାଇଛନ୍ତି । ଶଙ୍କରଡ ସରପଞ୍ଚ ରେଡ୍ଡୀ ଏହାକୁ "ଗଣତନ୍ତ୍ରର ହତ୍ୟା" ବୋଲି ଅଭିହିତ କରିବା ସହ ତାଙ୍କ ଦଳର ପ୍ରାର୍ଥୀମାନଙ୍କୁ ଧମକ ଦିଆଯାଉଛି ଏବଂ ନାମାଙ୍କନ ଦାଖଲ କରିବାକୁ ରୋକାଯାଉଛି ବୋଲି ଅଭିଯୋଗ କରିଛନ୍ତି । ରେଡ୍ଡୀ କହିଛନ୍ତି, "ଆନ୍ଧ୍ରପ୍ରଦେଶରେ ଗଣତନ୍ତ୍ରର କ'ଣ ହେଉଛି ? ଆମ ରାଜ୍ୟରେ ସମ୍ବିଧାନ ଓ ଆଇନର ଶାସନ ପାଳନ ହେଉଛି କି ? ପୌର ନିର୍ବାଚନର ନାମାଙ୍କନ ପ୍ରକ୍ରିୟାରେ ଆମ ପ୍ରାର୍ଥୀମାନଙ୍କୁ ନାମାଙ୍କନ ଦାଖଲ କରିବାକୁ ଦିଆଯାଉନାହିଁ । ସେମାନଙ୍କୁ ଧମକ ଦିଆଯାଉଛି ଏବଂ ସେମାନଙ୍କ ଉପରେ ଆକ୍ରମଣ ହେଉଛି ।" ଜଗନମୋହନ ପ୍ରଶ୍ନ କରିଛନ୍ତି, "ଗଣତନ୍ତ୍ରରେ ନିର୍ବାଚନ ଏହିପରି ହେବା ଉଚିତ୍ କି ? ରାଜ୍ୟ ନିର୍ବାଚନ ଆୟୋଗ କ'ଣ କରୁଛି ? ଏହା ନିରପେକ୍ଷ ଭାବେ କାମ କରୁଛି କି ? ବିରୋଧୀ ଦଳର ପ୍ରାର୍ଥୀମାନଙ୍କୁ ସୁରକ୍ଷା ଦେବାରେ ପୋଲିସ କାହିଁକି ବିଫଳ ହେଉଛି ?" ଏହାସହ ସାଂସଦ ପି.ଭି. ମିଥୁନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି । ରାଜମପେଟ ସାଂସଦଙ୍କ ଉପରେ ଆକ୍ରମଣ ଆନ୍ଧ୍ରପ୍ରଦେଶର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରୁଛି । ଏହି ରାଜ୍ୟରେ ବିରୋଧୀ ନେତା ଓ ପ୍ରାର୍ଥୀଙ୍କ ପାଇଁ କୌଣସି ସୁରକ୍ଷା ଅଛି କି ବୋଲି ସେ ପଚାରିଛନ୍ତି ।

ବିରୋଧୀଙ୍କ 'ହୀନ କାର୍ଯ୍ୟ' ମୋଦୀଙ୍କ ନେତୃତ୍ୱର ଆବଶ୍ୟକତାକୁ ଦର୍ଶାଉଛି: କଙ୍ଗନା

ରାୟପୁର, ୧୮/୧୦ (ନ୍ୟୁ.ଏ): ଦେଶରେ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ୍ କରିଛନ୍ତି ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ । ବିରୋଧୀଙ୍କ 'ହୀନ କାର୍ଯ୍ୟ' ଦେଶକୁ ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭଳି ଜଣେ ଦୃଢ଼ ନେତାଙ୍କ ଆବଶ୍ୟକତା କଥା ମନେ ପକାଇ ଦେଉଛି ବୋଲି ସେ କହିଛନ୍ତି । ଫ୍ରାନ୍ସରେ ସଦ୍ୟ ହିଂସା ଓ ବିଶ୍ୱର ବିଭିନ୍ନ ସ୍ଥାନରେ ଚାଲିଥିବା ସଂଘର୍ଷର ଉଦାହରଣ ଦେଇ ସେ ଏହି ମନ୍ତବ୍ୟ ଦେଇଛନ୍ତି । ରବିବାର ଛତିଶଗଡ଼ର ରାୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହ କଥା ହେବାବେଳେ କଙ୍ଗନା କହିଥିଲେ ଯେ, ଫ୍ରାନ୍ସରେ ଗତ ରାତିରେ ଘଟିଥିବା ହିଂସାରେ ଐତିହାସିକ କୋଠାଠାରୁ ଆରମ୍ଭ କରି ଦୋକାନବଜାର ପର୍ଯ୍ୟନ୍ତ ଜଳାପୋଡ଼ା ଓ ଲୁଟ୍‌ପାଟ୍ ହୋଇଛି । ଏଭଳି ଘଟଣା ଦେଶରେ ଦୃଢ଼ ନେତୃତ୍ୱର ଆବଶ୍ୟକତାକୁ ସ୍ପଷ୍ଟ କରୁଛି ବୋଲି ସେ ମତ ଦେଇଥିଲେ । ନିର୍ବାଚନୀ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)କୁ ନେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ପ୍ରତିବାଦ ମଧ୍ୟରେ ଏହି ମନ୍ତବ୍ୟ ଆସିଛି । ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ଆନ୍ଦୋଳନକୁ ସରକାର ପରିବର୍ତ୍ତନର ଲଢ଼େଇ ବୋଲି କହିବା ପରେ ବିଜେପି ନେତାମାନେ ଏହାର ତୀବ୍ର ବିରୋଧ କରୁଛନ୍ତି । କଙ୍ଗନା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନର ବିଶ୍ୱ ପରିସ୍ଥିତି ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ଭଳି ପରିବେଶ ସୃଷ୍ଟି କରୁଥିବାବେଳେ ଭାରତ ପାଇଁ ମୋଦୀଙ୍କ ନେତୃତ୍ୱ ଆହୁରି ଅଧିକ ଜରୁରୀ ହୋଇପଡ଼ିଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das